ଉତ୍ତମ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା 'ଆମ ହସ୍‌ପିଟାଲ'

**ବଲାଙ୍ଗିର/ତୁରେକେଲା/ଖପ୍ରାଖୋଲ, ୨୬।୨(ସମିସ)**

ବଲାଙ୍ଗିର ଜିଲ୍ଲାର ପାଞ୍ଚଟି ପ୍ରମୁଖ ଡାକ୍ତରଖାନାରେ ୫-ଟି ଛାପ। ରାଜ୍ୟ ସରକାରଙ୍କ ଦ୍ୱାରା ଅରମ୍ଭ ହୋଇଥିବା ଡାକ୍ତରଖାନା ରୂପାନ୍ତରଣ କାର୍ଯ୍ୟକ୍ରମ ଆମ ହସପିଟାଲ ଯୋଜନାରେ ଜିଲ୍ଲାର ପାଞ୍ଚଟି ଡାକ୍ତରଖାନା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଭିଡିଓ କନଫରେନ୍ସିଂ ଜରିଆରେ ଏହି ଉଦଘାଟନ ହୋଇଥିବା ବେଳେ ୫-ଟି ଅଧକ୍ଷ ଉପସ୍ଥିତ ଥିଲେ। ଏହି ଡାକ୍ତରଖାନାରୁ ରୋଗୀମାନେ ଉନ୍ନତ ଓ ଆଧୁନିକ ସ୍ତରର ସେବା ପାଇପାରିବା ଲକ୍ଷ୍ୟ ରହିଛି।

ସ୍କୁଲ ପରେ ରାଜ୍ୟର ୧୪୭ ଡାକ୍ତରଖାନାର ଆଧୁନିକୀକରଣ ପାଇଁ ଚୟନ କରାଯାଇଥିଲା।

## ୫ ବିଧାନସଭା ନିର୍ବାଚନମଣ୍ଡଳୀର ୫ ଡାକ୍ତରଖାନା

ଏହିକ୍ରମରେ ବଲାଙ୍ଗିର ସଦର ନିର୍ବାଚନମଣ୍ଡଳୀ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଲୋଇସିଂହା ନିର୍ବାଚନମଣ୍ଡଳୀ ପାଇଁ ଲୋଇସିଂହା ସିଏଚସି, ପାଟଣାଗଡ ନିର୍ବାଚନମଣ୍ଡଳୀ ପାଇଁ ଖପ୍ରାଖୋଲ ସିଏଚସି, କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ପାଇଁ କଣ୍ଟାବାଞ୍ଜି ସିଏଚସି ଓ ଟିଟିଲାଗଡ ନିର୍ବାଚନମଣ୍ଡଳୀ ପାଇଁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାକୁ ସାମିଲ କରାଯାଇଛି। ବର୍ତ୍ତମାନ ଏହି ଡାକ୍ତରଖାନାଗୁଡିକରେ ଘରୋଇ ଡାକ୍ତରଖାନାର ରୂପ ଦିଆଯାଇଛି।

ମୋ ହସପିଟାଲ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଉଦଘାଟନୀ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ଉକ୍ତ ପାଞ୍ଚୋଟି ଡାକ୍ତରଖାନାର ଶୁଭ ଉଦଘାଟନ ଆଭାସୀ







ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହୋଇଯାଇଛି। ଜିଲ୍ଲାର ଦୁଇଟି ସ୍ଥାନରେ ଆଭାସି ଉଦଘାଟନୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅନ୍ୟ ତିନୋଟି ସ୍ଥାନରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଲୋଇସିଂହା କଲେଜ ପଡିଆଠାରେ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ ଅଧକ୍ଷତା କରିଥିଲେ। ସାବିତ୍ରୀ ମେହେର ନିଜ ଅନୁଭୂତି ବଖାଣିଥିଲେ। ଲୋଇସିଂହା ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କୁବେରଚନ୍ଦ୍ର ମହନ୍ତ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ।

ଖପ୍ରାଖୋଲ ବ୍ଲକ୍ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ସୋମବାର ଉଦଘାଟନ କରିଛନ୍ତି। ଉକ୍ତ ବିଦ୍ୟାଳୟ ଖେଳପଡିଆ ଠାରେ ଅପରାହ୍ନରେ ଆୟୋଜିତ ସମାରୋହରେ ପାଟଣାଗଡ ଉପଜିଲ୍ଲାପାଳ ଅମିତ ନାୟକ, ଉପଖଣ୍ଡ ପୁଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ୍ ଅଧକ୍ଷା ନିରୁପମା ପଟେଲ, ଉପାଧକ୍ଷ ସୁଖୀରାମ ସାଣ୍ଡ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ସୂରଜ ଦୀପ, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ବଳଭଦ୍ର ନାଏକ, ସୁର୍ଯ୍ୟଭାନୁ ମେହେର, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ଏପିଓ ପ୍ରଶାନ୍ତ ସାହୁ, ଜିପିଇଓ ପରମେଶ୍ୱର ନାଏକ, ରାମାନନ୍ଦ ବେହେରା, ବିପିଏମ୍ ମନୋଜ କେରକେଟା ସମେତ ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

କଣ୍ଟାବାଞ୍ଜି ଡାକ୍ତରଖାନାକୁ ୨କୋଟି ୮୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରି ରୂପାନ୍ତରଣ କରାଯାଇଛି। ରେଳବାଇ ଖେଳପଡ଼ିଆରେ ଲୋକାର୍ପଣ ଉତ୍ସବରେ ଅତିଥି ଭାବେ ପାଟଣାଗଡ ବିଧାୟକ ସରୋଜ ମେହେର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଆୟୁବ ଖାଁ, ବରିଷ୍ଠ ବିଜେଡି ନେତା ଅଜୟଦାସ, ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ନିରୁପମା ମାଝୀ, ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଳା ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାନ, ରାଜେନ୍ଦ୍ର ବେହେରା, କଣ୍ଟାବାଞ୍ଜି ନଗରପାଳ ବରିୟାମ ସିଂ ସାଲୁଜା, ପୂର୍ବତନ ସୈନିକ ତଥା ବିଜେଡି ଯୁବନେତା ଗିରିରାଜ ସିଂ ମାଝୀ, ଯୁବ ବିଜେଡି ନେତା ଅମଜଦ ଖାଁ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, କାଉନସିଲର ସୂର୍ଯ୍ୟପ୍ରତାପ ମିଶ୍ର, ଜିଲ୍ଲା ଯୁବ ସମ୍ପାଦକ ଶାନ୍ତନୁ ବିଭାର, ରାଜ୍ୟସଭା ସାଂସଦ ପ୍ରତିନିଧି ମନୋଜ ଚଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ବଡ଼ମାଲ ଗୋଳାବାରୁଦ କାରଖାନା ଅଘଟଣ

# ତଦନ୍ତ କରିବ ସ୍ୱତନ୍ତ୍ର ଟିମ୍

**ବଲାଙ୍ଗିର, ୨୬।୨(ସମିସ) :** ଗତ ରବିବାର ସନ୍ଧ୍ୟାରେ ବଡମାଳସ୍ଥିତ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ ଘଟି ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ କାହିଁକି ହୋଇଥିଲା ଏବଂ କେତେ କ୍ଷୟକ୍ଷତି ଘଟିଥିଲା ସେ ସମ୍ପର୍କରେ କାହାକୁ ଜଣା ନଥିଲା। ଏନେଇ ସୋମବାର ଓର୍ଡିନାନ୍ସ ଫେକ୍ଟ୍ରି ତରଫରୁ ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଘଟଣାର ତଦନ୍ତ କରିବାକୁ ଏକ ପ୍ରତିନିଧି ଦଳ ଗଠନ କରାଯାଇଥିବା ଜଣାପଡ଼ିଛି। ରବିବାର ସନ୍ଧ୍ୟା ପ୍ରାୟ ୬.୩୫ ମିନିଟ ସମୟରେ ଗୋଳାବାରୁଦ କାରଖାନାସ୍ଥିତ ଗୋଦାମ ଘରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟିଥିଲା। ଏହି ଗୋଦାମ ଗୃହରେ ପ୍ରୋପେଲାଣ୍ଟ ଭଳି ଅନୁପଯୋଗୀ ପୁରୁଣା ପ୍ରୋପେଲାଣ୍ଟ ରଖାଯାଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ସ୍ଥାନୀୟ ଅଞ୍ଚଳ ଥରି ଉଠିଥିଲା। ୧୫/୨୦ କିମି ପର୍ଯ୍ୟନ୍ତ ଅଗ୍ନିଶିଖା ଦେଖାଦେଇଥିଲା। ଯାହା ବଡମାଳ, ସଇଁତଲା ଅଞ୍ଚଳରେ ଭୟର ବାତାବରଣ



ସୃଷ୍ଟି କରିଥିଲା। କାରଖାନାର ଅଗ୍ନିଶମ ଅନୁଭାଗ ବିଭାଗର କର୍ମଚାରୀମାନେ ରାତି ପ୍ରାୟ ୮.୪୫ ମିନିଟ ପର୍ଯ୍ୟନ୍ତ ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରୁ କୌଣସି ବ୍ୟକ୍ତି ଆଘାତପ୍ରାପ୍ତ ହୋଇ ନଥିଲେ ହେଁ ଗୋଦାମଗୃହଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଛି। ଘଟଣାର ଅନୁସନ୍ଧାନ ପାଇଁ ଏକ ପ୍ରତିନିଧି ଦଳ ଗଠନ କରାଯାଇଥିବା କାରଖାନାର ଜନସମ୍ପର୍କ ଅଧିକାରୀ ଦିଲୀପ ପଟ୍ଟନାଏକ ସୂଚନା ଦେଇଛନ୍ତି।

# ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ

**ମୁରିବାହାଲ, ୨୬।୨(ସମିସ):** ମୁରିବାହାଲ ଥାନା ଅନ୍ତର୍ଗତ ଗରଗଡବାହାଲ ଗ୍ରାମରେ ପୂର୍ବ ଶତ୍ରୁତାରୁ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଜଳନ୍ଧର ବାଗ (୫୦)ଙ୍କୁ ଗୁରୁତର ଭାବେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୁଲିସ ନିକଟରେ ଶ୍ରୀ ବାଗଙ୍କ ପତ୍ନୀ ଜୟନ୍ତୀ ବାଗ (୪୫) ଦେଇଥିବା ଅଭିଯୋଗ ଅନୁସାରେ, ଗରଗଡ଼ବାହାଲ ଗ୍ରାମର ଜଳନ୍ଧର ବାଗ (୫୦) ଶୁକ୍ରବାର ରାତିରେ ସପରିବାର ସହ ଘରେ ଥିଲେ। ଜମିବାଡ଼ି ଓ ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ଦାମୋଦର ବାଗ, ଉପିନ ବାଗ, ହେରାମ ବାଗ, ବିଷ୍ଣୁ ନାଗ, ରଷ୍ଣୁ ବାଗ ଓ ଅନ୍ୟମାନେ ଠେଙ୍ଗା, ବାଡ଼ି ସାହାଯ୍ୟରେ ଜଳନ୍ଧରଙ୍କୁ ନିସ୍ତୁକ ମାଡ ମାରିଥିଲେ। ଜଳନ୍ଧରଙ୍କ ଡାହାଣ ଗୋଡ, ମୁଣ୍ଡ ଓ ଦୁଇ ହାତରେ ଗୁରୁତର ଆଘାତ ଲାଗିଥିବା ବେଳେ ତାଙ୍କର ଗୋଡ଼ରେ ବହୁତ ପରିମାଣରେ ଆଘାତ ଲାଗିଛି। ଛାତିରେ ପ୍ରବଳ ମାଡ ମାରିଛନ୍ତି। ଗୁରୁତର ଜଳନ୍ଧରଙ୍କୁ ଉଦ୍ଧାର କରି ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଟିଟିଲାଗଡ, ପରେ ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଗୁରୁତର ଅବସ୍ଥା ହେବାରୁ ତାଙ୍କୁ ଶେଷ ମୁହୂର୍ତ୍ତରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁଇ ପରିବାର ମଧ୍ୟରେ ଏକ ଜମି ଓ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ହୋଇଥିବା ବେଳେ ଜୟନ୍ତୀଙ୍କ ଏତଲା ଆଧାରରେ ଏକ ମାମଲା ରୁଜୁ ହେବା ସହ ଅଧିକ ତଦନ୍ତ ଚାଲିଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

**ଗୁରୁତର ଆହତ ବୁର୍ଲା ସ୍ଥାନାନ୍ତର**

# ଜିଲ୍ଲା କାରାଗାରରେ ୪ ଦିନିଆ ଯୋଗ ଶିବିର

**ବଲାଙ୍ଗିର, ୨୬।୨(ସମିସ):** ବଲାଙ୍ଗିରର ଅନ୍ୟତମ ଅଗ୍ରଣୀ ସାମାଜିକ ସଂଗଠନ 'ସହଯୋଗ ଫାଉଣ୍ଡେସନ' ଓ ମହିଳା ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ୪ ଦିନ ପର୍ଯ୍ୟନ୍ତ ଜିଲ୍ଲା କାରାଗାରରେ ଯୋଗ ଏବଂ ଧ୍ୟାନ ଶିବିର ଆରମ୍ଭ ହୋଇଛି। ଜେଲ ଅନ୍ତେବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ମାନସିକ ଶାନ୍ତି ବୃଦ୍ଧି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଏହି କର୍ମଶାଳାରେ ସମସ୍ତ ଅନ୍ତେବାସୀ ଯୋଗ ଏବଂ ଧ୍ୟାନର ବିଭିନ୍ନ ଅଭ୍ୟାସ ଅନୁଭବ କରିବାର ସୁଯୋଗ ପାଇଥିଲେ। ସୁଜାତା ଦିଶ୍ରୀ, ସହଯୋଗୀ ନିହାରିକା ମିଶ୍ର, ଦୀପ୍ତି ମିଶ୍ର ଓ ସରୋଜା ମାଝୀ ଅନ୍ତେବାସୀଙ୍କୁ ଯୋଗ ଆସନର ସଠିକ ପଦ୍ଧତି ଓ ସେମାନଙ୍କୁ ଧ୍ୟାନ ପାଇଁ ଗଠନମୂଳକ ପଦ୍ଧତି ଶିଖାଇଥିଲେ। ଭାରପ୍ରାପ୍ତ ଜେଲ ଅଧୀକ୍ଷକ ସର୍ବେଶ୍ୱର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜେଲ ଫାର୍ମାସିଷ୍ଟ ବିଭୂତି ଭୂଷଣ ବେହେରା, ସୋନାଲି ଦାଶ, ରାମଅବତାର ଅଗ୍ରୱାଲ, ଆର୍ତତ୍ରାଣ ପାଢ଼ୀ, ସୁଦୀପ ତ୍ରିପାଠୀ ଏବଂ ସମସ୍ତ ଜେଲ କର୍ମଚାରୀ ସହଯୋଗ କରିଥିଲେ। ଆସନ୍ତା ମାର୍ଚ୍ଚ ୧୦ ତାରିଖରେ ଜିଲ୍ଲା ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସହଯୋଗ ଫାଉଣ୍ଡେସନର ସମ୍ପାଦିକା ପିଙ୍କି ମୋଦୀ ସୂଚନା ଦେଇଛନ୍ତି।



# ଗଞ୍ଜେଇ ଜବତ, ଜଣେ ଗିରଫ

**ବଲାଙ୍ଗିର, ୨୬।୨(ସମିସ):** ତୁଷୁରା ଥାନା ସିରାବାହାଲ ଛକଠାରେ ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ। ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଳାହାଣ୍ଡି ଜିଲ୍ଲା ରିଷିଡାର ବାପି ବାରିକ ଓ ବଲାଙ୍ଗିର ଜିଲ୍ଲା ପେଣ୍ଠିଆମୁଣ୍ଡାର ହେମନ୍ତ ରଣା। ଖବର ପାଇ ବଲାଙ୍ଗିର ଅବକାରୀ ବିଭାଗର ମୋବାଇଲ ୟୁନିଟ ସେମାନଙ୍କୁ ପିଛା କରିଥିଲା। ସିରାବାହାଲ ଛକଠାରେ ସେମାନଙ୍କୁ ଧରି ଯାଞ୍ଚ କରିବାରୁ ତାଙ୍କଠାରୁ ୬ କେଜି ୩୦୦ ଗ୍ରାମ ଗଞ୍ଜେଇ ବାହାରିଥିଲା। ଗଞ୍ଜେଇକୁ ଜବତ କରିବା ସହିତ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ବଡି ବିଲ୍‌ଡିଂ ପ୍ରତିଯୋଗିତା

ପାଟଣାଗଡ଼, ୨୬।୨(ସମିସ): ପାଟଣାଗଡ଼ ଗଙ୍ଗାଧର ପାର୍କଠାରେ ପ୍ରଥମଥର ପାଇଁ କଳିଙ୍ଗ ବଡିବିଲଡର ଆସୋସିଏସନ ପକ୍ଷରୁ ବଡିବିଲଡରଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସଂପାଦକ ସନ୍ତୋଷ ମହାନ୍ତି, ଜିଲ୍ଲା ସଭାପତି ତନ୍ମୟ ପାଣିଗ୍ରାହୀ, ଟାଉନ ସଭାପତି ପ୍ରତିକ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହିଳା ଓ ପୁରୁଷ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ପୂର୍ବତନ ବଲାଙ୍ଗିର ଲୋକସଭା ସାଂସଦ କଳିକେଶ ନାରାୟଣ ସିଂଦେଓ, ଆକାଶ ମିଶ୍ର, ରମେଶ ପୁରୋହିତ, ବଳରାମ ବର୍ଗତି, ସତ୍ୟ ପାଣିଗ୍ରାହୀ, ଶିବାନନ୍ଦ ପରିଛା ପ୍ରମୁଖ ମଞ୍ଚାସୀନ ଥିଲେ।

# 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ବଲାଙ୍ଗିର,୨୬।୨(ସମିସ):** ବଲାଙ୍ଗିର କଦମପଡାସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଶିଶୁବାଟିକା ବିଭାଗରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସୁବାସଚନ୍ଦ୍ର ସାହୁ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁଙ୍କ ଦ୍ୱାରା ଗୀତିନାଟ୍ୟ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଶିଶୁବାଟିକା ପ୍ରମୁଖ ବିଦ୍ୟୁତରେଖା କର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ରବୀନ୍ଦ୍ର ପଣ୍ଡା, ସମ୍ପାଦକ ତରଣୀସେନ ପଟେଲ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ନିରୀକ୍ଷଣ ଓ ବନ୍ଦେମାତରଂ ଗାନ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ସମସ୍ତ ଗୁରୁଜୀ ଗୁରୁମା, ସେବକ ଓ ସେବିକା ସହଯୋଗ କରିଥିଲେ।

■ ଲୋକଙ୍କ ଜୀବନ ସହ ଖେଳ

# ଦୃଷ୍ଟି ଆଢୁଆଳରେ ବିକ୍ରି ହେଉଛି ବେଆଇନ ପାଣି ପାଉଚ୍

**ପାଟଣାଗଡ଼, ୨୬।୨ (ସମିସ):** ଏବେଠୁ ଖରାର ପ୍ରକୋପ ମାଡ଼ି ଆସିଲାଣି। ରାସ୍ତାରେ, ସର୍ବସାଧାରଣ ବଜାର ସ୍ଥାନରେ ଲୋକେ ପାଣି ମୁନ୍ଦାଏ ଖୋଜୁଛନ୍ତି। ଏଭଳି ପରିସ୍ଥିତିରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ଗାଁରେ ଚାଲିଛି ଏକ ବେଆଇନ ପାଣି ପାଉଚ୍ ଫ୍ୟାକ୍ଟ୍ରି। ପ୍ରଶାସନର ଅନୁମତି ନାହିଁ କି ଉପଖଣ୍ଡ ପ୍ରଶାସନକୁ ମଧ୍ୟ ଏ ବିଷୟରେ ଜଣାନାହିଁ; କିନ୍ତୁ ଦୀର୍ଘ ଏକବର୍ଷ ହେଲା ଏଭଳି ପାଣି ପିଉଛନ୍ତି ସାଧାରଣ ଲୋକେ।

ଗଙ୍ଗାସାଗର ଗାଁ ଭିତରେ ହିନ୍ଦ ଆକ୍ୱା ନାମରେ ନକଲି ଛାପା ମାରି ବେଆଇନ ଭାବେ ପାଣି ପାଉଚ ତିଆରି କରାଯାଉଛି। ପାଣିପାଉଚର ଅନ୍ୟପଟେ ଦୁବେ କଲୋନୀ ବିଧାନସଭା ରୋଡ ମୱା। ରାୟପୁର ଲେଖାଯାଇଛି। ଫ୍ୟାକ୍ଟ୍ରିର ମାଲିକ ନିଜ ଘର ପଛପଟେ ଏକ ବୋରୱେଲ ଖୋଳି ପାଣିପାଉଚ ତିଆରି କରୁଛନ୍ତି। ଏକ ମେସିନ ରଖି ସେ ନିଜେ ଶ୍ରମିକଙ୍କ ଦ୍ୱାରା ନକଲି ଛାପାମାରି ପାଣି ପାଉଚ ତିଆରି କରୁଛନ୍ତି। ଫ୍ୟାକଟ୍ରି ମାଲିକ ଜଣକ ନିଜଘରେ ପାଣିପାଉଚ ପେକିଙ୍ଗ କରୁଥିବାବେଳେ ରାୟପୁରର ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଠିକଣା ରହିଛି। ଯାହାଦ୍ୱାରା ଲୋକଙ୍କୁ ଭ୍ରମିତ କରାଯାଉଥିବା ଅଭିଯୋଗ ହେଉଛି। ଏହି ବେଆଇନ କାରବାର ବାବଦରେ ପ୍ରଶାସନ ନିକଟରେ ମଧ୍ୟ କୌଣସି ଖବର ନାହିଁ। ପାଟଣାଗଡ ଉପଜିଲ୍ଲାପାଳ ଅମିତ ନାୟକ କୌଣସି ସୂଚନା ନଥିବା କହିଥିବା ବେଳେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଅପରପକ୍ଷରେ, ସମ୍ପୃକ୍ତ ଫ୍ୟାକଟ୍ରି ମାଲିକ ବିନୟ ପଧାନ 'ପାଣି ପାଉଚ ତିଆରି ସଂକ୍ରାନ୍ତ କାଗଜପତ୍ର ପ୍ରସ୍ତୁତି ପାଇଁ ଆବେଦନ କରିଛି ଏପର୍ଯ୍ୟନ୍ତ ପାଇନାହିଁ' ବୋଲି କହିଛନ୍ତି। ଏପରିକି ଜିଏସଟି ବିଲ୍ ମଧ୍ୟ ପଇଠ କରୁ ନଥିବା ଜଣାପଡ଼ିଛି। ପ୍ରାୟ ଗୋଟିଏ ବର୍ଷ ହେଲା ଏଭଳି ଭାବେ ଅଞ୍ଚଳର ଜନସାଧାରଣଙ୍କୁ ପାଣି ପାଉଚ୍ ନାଁରେ ରୋଗ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି।




ସୂଚନା ଅନୁସାରେ, ପାଣିପାଉଚ ତିଆରିକରି ମାଲିକ ଜଣକ ଏକ ନିର୍ଦ୍ଦିଷ୍ଟ ପ୍ୟାକେଟରେ ୭୦ଟି ପାଣି ପାଉଚ ଭର୍ତ୍ତିକରି ବ୍ଲକ ତଥା ଆଖପାଖ ଅଞ୍ଚଳରେ ୪୮ ଟଙ୍କା ମୂଲ୍ୟର ନିଜ ଗାଡ଼ି ଯୋଗେ ବିଭିନ୍ନ ଦୋକାନକୁ ପହଞ୍ଚାଉଛନ୍ତି। ଫ୍ୟକଟ୍ରି ମାଲିକଙ୍କ ପାଖରେ ଏହି ପାଣିପାଉଚ ତିଆରି କରିବା ପାଇଁ ପ୍ରଶାସନର କୌଣସି ଅନୁମତି ନଥିବାବେଳେ ସେ ଜିଏସଟି ବିଲ୍ ମଧ୍ୟ ପଇଠ କରୁନଥିବାରୁ ରାଜସ୍ୱ ହାନି ହେଉଛି। ଏହି ପାଣି ପାଉଚକୁ ଅଞ୍ଚଳର ଜନସାଧାରଣ ପିଇ ଯଦି କୌଣସି ଅଘଟଣ ଘଟେ ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି। ଏଥିପ୍ରତି ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗ୍ରାମପଞ୍ଚାୟତ କ୍ରିକେଟ୍ କପ୍: ଗମ୍ଭାରିଖୋଲା ଚାମ୍ପିଅନ

**ମୁରିବାହାଲ, ୨୬।୨(ସମିସ):** ମୁରିବାହାଲ ବରାଜୁରା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨ ଦିବସୀୟ ମୁରିବାହାଲ ଗ୍ରାମପଞ୍ଚାୟତ କପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁରିବାହାଲ ଦଳକୁ ହରାଇ ଗମ୍ଭାରିଖୋଲା ଦଳ ଚାମ୍ପିଅନ ହୋଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ମୁଖ୍ୟଅତିଥି ରୂପେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ କେଦାର ବଡ଼ଜେନା, ଆନନ୍ଦ ତାଣ୍ଡି, ହସମୁଖ ଛତ୍ରିଆ, ମହେନ୍ଦ୍ର ରଣା, ପୁରନ୍ଦର ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରେଷ୍ଠ ଖେଳାଳି ରାଜୁ ହାତୀଙ୍କୁ ଟ୍ରଫି ଦିଆଯାଇଥିଲା। ଭାଗ୍ୟବାନ ଛତ୍ରିଆ, ଓମପ୍ରକାଶ ରଣା ଖେଳ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ ଦିଲୀପ ଭୋଇ। ସଭାପତି ଗିରିଧାରୀ ଛତ୍ରିଆ, ସମ୍ପାଦକ ଭକ୍ତଚରଣ ମହାନନ୍ଦ ଓ କୋଷାଧକ୍ଷ ଗଣେଶ ମହାନନ୍ଦଙ୍କ ନେତୃତ୍ୱରେ କବିରାଜ ବାଗ, ରବି ବାଗ, ଭଜମନ ବାଗ, ଦେବାଶିଷ ମହାନନ୍ଦ, ଭୀଷ୍ମ ଛତ୍ରିଆ, ଯଧୁ ବାଗ, ପୁରୁଷୋତ୍ତମ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବନାଞ୍ଚଳସ୍ତରୀୟ ବନାଗ୍ନି ନିବାରଣ ସଚେତନତା ସଭା

**ଖପ୍ରାଖୋଲ/ମୁରିବାହାଲ, ୨୬।୨(ସମିସ)**

ହରିଶଙ୍କର ବନାଞ୍ଚଳ ଓ ଲାଠୋର ବନାଞ୍ଚଳର ବନାଗ୍ନି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି।





ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ହରିଶଙ୍କର ଜଙ୍ଗଲ ବିଭାଗ ଡାକ ବଙ୍ଗଳାଠାରେ ହରିଶଙ୍କର ବାନାଞ୍ଚଳ ତରଫରୁ ବାନଗ୍ନି ନିବାରଣ ସଚେତନତା ସଭା ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆଲୋଚନା ହୋଇଥିଲା। ପ୍ରତି ବର୍ଷ ସଚେତନତା ଅଭାବରୁ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଜଙ୍ଗଲ ନଷ୍ଟ ହେବା ସହ ଔଷଧୀୟ ଗୁଳ୍ମ ଲତା ଆଦି ପୋଡ଼ି ପାଉଁଶ ହୋଇଥାଏ। ସେହିପରି ବନ୍ୟଜନ୍ତୁ ମଧ୍ୟ ପ୍ରଭାବିତ ହୋଇଥାନ୍ତି। ଏହାର ନିରାକରଣ ପାଇଁ ଆଗାମୀ ଦିନରେ ଭିଏସଏସ ମାଧ୍ୟମରେ ସଚେତନ କରାଯିବ ବୋଲି ବନ ବିଭାଗ ତରଫରୁ ସୂଚନା ଦିଆଯାଇଥିଲା। ଏହି ସଚେତନତା ସଭାରେ ହରିଶଙ୍କର ଉପବନାଞ୍ଚଳ ଅଧିକାରୀ ସୁନୀଳ ମିଶ୍ର, ବ୍ଲକ୍ ଅଗ୍ନିଶମ ଅଧିକାରୀ ଜୟଗୋପାଳ ପଣ୍ଡା, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ମହାରାପଦର ସରପଞ୍ଚ ସୁମତୀ ପ୍ରଧାନ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରୀ ପୂଝାରୀ, ଭାନପୁର ରୀନା ଜାଲ, ମାଟିଆଭଟା ସରପଞ୍ଚ ସନ୍ତୋଷିନୀ ବରିହା, ରେଙ୍ଗାଲି ଉମାକାନ୍ତ ମେହେର, ବନପାଳ ସୁଧୀର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ ସମେତ ବନରକ୍ଷୀ, ସଚେତନ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆମଜଙ୍ଗଲ ଯୋଜନା ଡିଓ ତହସିଲ ବାଗ ପରିଚାଳନା କରିଥିଲେ। ସେହିପରି ଲାଠୋର ବନ ବିଭାଗ କାର୍ଯ୍ୟାଳୟଠାରେ ବନାଞ୍ଚଳ ଅଧିକାରୀ ଶୈଳେଶ ବିଶି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ସମ୍ମାନିତ ଅତିଥି ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ଅଗ୍ନିଶମ ବିଭାଗ ହାବିଲଦାର ପ୍ରକାଶ ସାହୁ, ସନ୍ତୋଷ ଭଇଁସାଲ, ସତ୍ୟନାରାୟଣ ମେହେର ଯୋଗ ଦେଇଥିଲେ। ବନପାଳ ଶ୍ରୀକାନ୍ତ ସାହୁ, ସନ୍ଧ୍ୟାରାଣୀ ସେଠ, ସାଗରିକା ସେଠ, ବିଜ୍ଞାନନ୍ଦ ପାଣିଗ୍ରାହୀ, ବନସୁରକ୍ଷା ସମିତି ସଦସ୍ୟ ଓ ବନ କର୍ମଚାରୀ ଯୋଗ ଦେଇଥିଲେ।

ମୁରିବାହାଲ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ରବିବାର ଜଙ୍ଗଲ ନିଆଁ ନିବାରଣ ସକାଶେ ଶପଥ ପାଠ ସହ ସଚେତନତା ସୃଷ୍ଟି କରାଯାଇଛି। ଏଥିରେ ସୁରକ୍ଷା ସମିତି, ଏସଏଚଜି ଏବଂ ସ୍ୱେଚ୍ଛାସେବୀ ସମୂହ ଯୋଗ ଦେଇଥିଲେ। ଏସିଏଫ ନୀଳାଦ୍ରି ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନନତା ସଭାରେ ଟିଟିଲାଗଡ଼ ଏସଡିଏମ ପିଙ୍କୁ ଭୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ମୁରିବାହାଲ ଅଗ୍ନିଶମ ବିଭାଗ ଅଧିକାରୀ ଅମରେଶ ପଧାନ, ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଏସଏଚଜି ସଦସ୍ୟା ସଭାନେତ୍ରୀ ଲୋପା ଉପସ୍ଥିତ ଥିଲେ। ବନପାଳ ଆଦିତ୍ୟ ନନ୍ଦ, ଧ୍ରୁବଚରଣ ବର୍ଗର୍ତ୍ତୀ, ରଞ୍ଜିତ ସିଂଦେଓ, ଘନଶ୍ୟାମ ପଶାୟତଙ୍କ ସହ ଟୁନାମାନୀ ମହାନନ୍ଦ, ମହେଶ ଦଣ୍ଡସେନା, ଧରିତ୍ରୀ ବାରିକ, ମମତା ରାଉତ ପ୍ରମୁଖ ସହଯୋଗ କରିଥିଲେ। ଆମ ଜଙ୍ଗଲ ଯୋଜନା ଅଭିଯାନ ଟିମ ଲିଡର ଅଜୟ ମହାନ୍ତି ସଂଯୋଜନା କରିଥିବା ବେଳେ ବନପାଳ ପୁଷ୍ପାଞ୍ଜଳୀ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବନାଗ୍ନି ପାଇଁ ବନବିଭାଗର ଆଗୁଆ ସତର୍କତା

**ବଲାଙ୍ଗିର, ୨୬।୨(ସମିସ) :** ଚଳିତବର୍ଷ ସମୟ ଆରମ୍ଭରୁ ଅନୁଭୂତ ହେଲାଣି ଖରା। ଫେବୃଆରୀରୁ ବଲାଙ୍ଗିର ଜିଲ୍ଲାରେ ପାରଦ ୩୫ ଡିଗ୍ରୀ ପାର୍ ହେଉଛି। ବାହାରକୁ ବହାରିଲେ ତାତି ଜଣାପଡୁଛି। ଖରା ଦିନରେ ଜଙ୍ଗଲରେ ନିଆଁ ଲାଗିବା ଏକ ଜୀବଜନ୍ତୁଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇଥିବାବେଳେ ଚଳିତବର୍ଷ ଆରମ୍ଭରୁ ସର୍ତକ ହୋଇଛି ବନବିଭାଗ। ବିଭିନ୍ନ ସ୍ଥାନରେ ସଚେତନତା ସଭାକରି ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନ କରିବା ସହିତ ନିଆଁ ଲାଗିଥିଲେ କେମିତି ତାକୁ ଆୟତ୍ତ କରାଯାଇପାରିବ ସେନେଇ ତାଲିମ ଦିଆଯାଉଛି। ବଲାଙ୍ଗିର ବନବିଭାଗର ସଦର ରେଞ୍ଜରେ ୧୧ଟି ସଂରକ୍ଷିତ ଜଙ୍ଗଲ ରହିଛି। ବୋଣ୍ଡା, ମଠଖାଇ, ଚାନ୍ଦିଲୀ, ଭୀମଡୁଙ୍ଗୁରୀ, ଚାଟିଡୁଙ୍ଗୁରୀ, ବ୍ରାହ୍ମଣୀ, କାଳିଝରନ, କଦଳୀମୁଣ୍ଡା, ବାରପୁଡୁଗିଆ, ବୁଦଲାଗେନ ଜଙ୍ଗଲ ରହିଛି। ଏହି ସମସ୍ତ ଜଙ୍ଗଲ ୯୮୬୦.୯ ହେକ୍ଟର ଜମିରେ ବ୍ୟାପ୍ତ ହୋଇଥିବା ଜଣାପଡ଼ିଛି। ଗତବର୍ଷ ଗ୍ରୀଷ୍ମ ଋତୁରେ ସଦର ରେଞ୍ଜର ଏହି ସମସ୍ତ ଜଙ୍ଗଲରେ ପ୍ରାୟ ୭୮ଟି ଜାଗାରେ ନିଆଁ ଲାଗିଥିବା ଜଙ୍ଗଲ ବିଭାଗ ପାଖରେ ସୂଚନା ରହିଛି। ନିଆଁ ଲାଗି କେବଳ ଜଙ୍ଗଲ ନଷ୍ଟ ହେଉଛି ତାହା ନୁହେଁ; ଜଙ୍ଗଲୀ ଜୀବଜନ୍ତୁ ମଧ୍ୟ ବିପଦରେ ପଡୁଛନ୍ତି। ଜଙ୍ଗଲରେ ନିଆଁ ଲାଗିଲେ କେଉଁ ଉପାୟ ଅବଲମ୍ବନ କଲେ ନିଆଁ ଲିଭାଯାଇପାରିବ ତାହା ମଧ୍ୟ ବତାଉଥିବା ଦେଖିବାକୁ ମିଳୁଛି। ଜନସାଧାରଣ ବନ ବିଭାଗର ସହିତ ଯୋଡିହେଲେ ନିଶ୍ଚିତ ଭାବରେ ଜଙ୍ଗଲପୋଡି କମିବ ବୋଲି ମତ ସୃଷ୍ଟି ହୋଇଛି।



# କଣ୍ଟାବାଞ୍ଜି ଦ୍ୱିତୀୟ ଅଣ୍ଡର୍‌ପାସ୍‌ର ଶିଳାନ୍ୟାସ

**କଣ୍ଟାବାଞ୍ଜି, ୨୬।୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କଣ୍ଟାବାଞ୍ଜି କଣ୍ଟାବାଞ୍ଜିରେ ଦ୍ୱିତୀୟ ଭୂତଳ ପୋଲ (ଅଣ୍ଡର୍‌ପାସ)ର ଶିଳାନ୍ୟାସ କରିଛନ୍ତି। ଏନଏସି ଛକ ନିକଟରେ ଆଭାସି ମାଧ୍ୟମରେ ଅନୁଷ୍ଠିତ ଏହି ଉତ୍ସବରେ ସାଂସଦ ସଂଗୀତା କୁମାରୀ ସିଂ ଦେଓ, ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା, ବିଜେପି ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସମ୍ପାଦକ ଲକ୍ଷ୍ମଣ ବାଗ, ନଗରପାଳ ବରିୟାମ ସିଂ ସାଲୁଜା, ସାଂସଦ ନୋମିନି ତଥା ଡ଼ିଆରୟୁସିସି ସଭ୍ୟ ରାଜେଶ ଅଗ୍ରୱାଲ, ସମ୍ବଲପୁର ରେଳ ମଣ୍ଡଳର ନୋଡାଲ ଅଫିସର ଅଙ୍କିତ ବର୍ମା ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି ଏଡିଇଏନ ପି ଗୌରୀ ନାଇଡୁ, ଡ଼ିଟିଆଇଟି ସି. ବାଗ, ଷ୍ଟେସନ ମେନେଜର କେସି. ମୁଣ୍ଡଙ୍କ ସହ ଅନ୍ୟ ରେଳବାଇ କର୍ମଚାରୀ, ଆରପିଏଫ ପୁଲିସ ଜିଆରପି ପୁଲିସଙ୍କ ସହ ସ୍ଥାନୀୟ ପୁଲିସ ଉପସ୍ଥିତ ଥିଲେ।



# ଟଙ୍କା ପାଇଁ ମୃଦଙ୍ଗ, ଗିନି, ଥାଳି ବାଡେଇଲେ



**ତରଭା,୨୬ ।୨(ସମିସ)**

ତରଭା ବ୍ଲକ୍ ମରାଡୁଗୋଛା ପଞ୍ଚାୟତର ଗୁହିରାଘାଟ ଗ୍ରାମରେ ଏକ କୁଞ୍ଜଗୁଡି ନିର୍ମାଣ କାମ ଚାଲିଛି। ଗ୍ରାମବାସୀ ନିଜନିଜ ମଧ୍ୟରେ ପଇସା ଅସୁଲ କରି କାମ କରୁଛନ୍ତି। ହାତରେ ଆଉ ପଇସା ନ ଥିବାରୁ କାମ ଆଗକୁ ବଢି ପାରୁନାହିଁ। ଏ ବିଷୟରେ ଗ୍ରାମବାସୀ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଅନେକ ଥର ଯାଇ ବିଫଳ ହୋଇଛନ୍ତି। ପଇସା ନ ମିଳିବାରୁ ସାଢେ ୩ ମାସ ହେଲା କାମ ବନ୍ଦ। ଗ୍ରାମବାସୀ ଅଭିଯୋଗ କରିବା ପାଇଁ ବ୍ଲକକୁ ବାରମ୍ବାର ଆସୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଶେଷରେ ସେମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅଭିନବ ପ୍ରତିବାଦ କରିଛନ୍ତି। ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମୃଦଙ୍ଗ, ଗିନି, ଥାଳି ପ୍ରଭୃତି ବଜାଇ ବିଡ଼ିଓଙ୍କୁ ଦରଖାସ୍ତ ଦେଇଥିଲେ। ଗ୍ରାମବାସୀ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ତାଙ୍କ ସାମନାକୁ ଆଣିବା ପାଇଁ ଓ ଶିଘ୍ର ବିଲ୍ କରି ଟଙ୍କା ଦେବାକୁ ବିଡ଼ିଓ ଅନିଲ କୁଲୁଙ୍କୁ ଅନୁରୋଧ କରିଛନ୍ତି। ବିଡ଼ିଓ ଦରଖାସ୍ତ ଗ୍ରହଣ କରି ଟଙ୍କା ପଇଠ ପାଇଁ ପ୍ରକିୟା ଜାରି ରହିଛି ବୋଲି ଗ୍ରାମବାସୀଙ୍କୁ କହିଥିଲେ। ୩ ଦିନ ଭିତରେ ଟଙ୍କା ମିଳିଯିବ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ସନ୍ତୋଷ ଡାଙ୍ଗ, ଧନମାଳୀ କୁଅଁର, ହେମସାଗର ସାହୁ, ସୁବସେ ମହଲା, ସୁରେଶ ସୁନା, ବନମାଳୀ କୁଅଁର, ରହିତ ବିଶି, ବୁଧୁ ଥପା, ସଂଖ୍ୟା ଘିବେଲାଙ୍କ ସହ ଅନେକ ଗ୍ରାମବାସୀ ସାମିଲ ଥିଲେ।

# ମାର୍ବଲ୍ ପଡ଼ି ଶ୍ରମିକଙ୍କ ଗୋଡ଼ କଟିଲା

## ଠିକାସଂସ୍ଥା ଆଗରେ ସମ୍ପର୍କୀୟଙ୍କ ବିକ୍ଷୋଭ



**ଶଗଡା/ମନମୁଣ୍ଡା,୨୬ ।୨(ସମିସ):** ବୌଦ୍ଧ ଜିଲ୍ଲା ମନୁପାଲି ପଞ୍ଚାୟତ ସାହୁପଡା ଗ୍ରାମ ନିକଟରେ ଥିବା ରେଲୱେ ଠିକା ସଂସ୍ଥା ଝରଝରୀଆ ନିର୍ମାଣ ଲିମିଟେଡ ଆଗରେ ସୋମବାର ସକାଳେ ଉତ୍ତେଜନା ଦେଖିବାକୁ ମିଳିଥିଲା। ସାହୁପଡା ଗ୍ରାମର ଅଶେଷ ବାଘ ଠିକା ସଂସ୍ଥାରେ ଶ୍ରମିକ ଭାବେ ସରସରା ନିକଟରେ କାମ କରୁଥିଲେ। ଗତ ୨୩ ତାରିଖ ଦିନ ଟ୍ରକରୁ ମାର୍ବଲ ଓହ୍ଲାଉଥିବା ବେଳେ ଗୋଡରେ ମାର୍ବଲ ପ୍ଲେଟ୍ ପଡି ସେ ଗୁରୁତର ହୋଇଥିଲେ। ସେ ତାଙ୍କର ୨ଟିଯାକ ଗୋଡ଼ ହରାଇଛନ୍ତି। ପ୍ରଥମେ ବୌଦ୍ଧ, ପରେ ବୁର୍ଲା ଓ ଶେଷରେ ଭୁବନେଶ୍ୱରର ଏକ ହସ୍‌ପିଟାଲରେ ସେ ଚିକିତ୍ସାଧୀନ ଅଛନ୍ତି; କିନ୍ତୁ ଠିକା ସଂସ୍ଥା ମାତ୍ର ୫୦ ହଜାର ଟଙ୍କା ସହାୟତା ଦେଇଛି। ତେଣୁ ଅଧିକ କ୍ଷତିପୂରଣ ଦାବିରେ ଶ୍ରମିକଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ସାହୁପଡାସ୍ଥିତ କ୍ୟାମ୍ପ ଆଗରେ ଆନ୍ଦୋଳନ କରିବା ସହ କାର୍ଯ୍ୟରେ ଲାଗିଥିବା ସମସ୍ତ ଗାଡ଼ିକୁ ବନ୍ଦ୍ କରିଥିଲେ। ପରେ ଝରଝରିଆ ନିର୍ମାଣ ଲିମିଟେଡର ପ୍ରୋଜେକ୍ଟ ଇନ୍ ଚାର୍ଜ ବିଶ୍ୱନାଥ ବେହେରା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରଥିଲେ। ଶ୍ରମିକ ଓ ତାଙ୍କ ପରିବାରର ସମସ୍ତ ଚକିତ୍ସା ଖର୍ଚ୍ଚ ବହନ ଓ କମ୍ପାନୀର ନିୟମ ଅନୁଯାୟୀ ଥିବା ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାର ଲିଖିତ ପ୍ରତିଶ୍ରୁତି ପରେ ଉତ୍ତ୍ୟକ୍ତ ଲୋକେ ଆନ୍ଦୋଳନରୁ ଓହରିଥିଲେ।

## ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା

**ବୌଦ୍ଧ,୨୬ ।୨(ସମିସ):** ବୌଦ୍ଧ ଜିଲ୍ଲା ଘୋରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଙ୍ଘର ବାର୍ଷିକ ବୈଠକ ବରିଷ୍ଠ ସଭ୍ୟ ରାଧାମାଧବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥଲା। ସର୍ବ ସମ୍ମତି କ୍ରମେ ସଭାପତି ଭାବେ ପ୍ରସନ୍ନ ସାହୁ, ଉପ ସଭାପତି ଭାବେ ସୁଦର୍ଶନ ନାଏକ, ସମ୍ପାଦକ ଭାବେ ଚିତ୍ତ ରଞ୍ଜନ ରାଜ, ସହ ସମ୍ପାଦକ ଭାବେ ସୁବ୍ରତ ମିଶ୍ର, କୋଷାଧ୍ୟକ୍ଷ ଭାବେ ନୀଳକଣ୍ଠ ମହାପାତ୍ରଙ୍କୁ ଚୟନ କରାଯାଇଛି। ପରିଚାଳାନା କମିଟିର ସଭ୍ୟ ଭାବେ ଶ୍ରୀହର୍ଷ ମିଶ୍ର, ସୁଧୀର ମହାପାତ୍ର, ରାଜକିଶୋର ପଟ୍ଟନାୟକ, ନାରାୟଣ ମେହେରଙ୍କୁ ଏବଂ ଆଇନ୍ ପରାମର୍ଶଦାତା ଭାବେ ଓକିଲ ବିଶ୍ୱଜିତ ମିଶ୍ରଙ୍କୁ ମନୋନୀତ କରାଯାଇଛି। ଏହି ନିର୍ବାଚନ କାର୍ଯ୍ୟକ୍ରମକୁ ନିର୍ବାଚନ ଅଧିକାରୀ ରାଧାମାଧବ ମିଶ୍ର ପରିଚାଳନା କରିଥିଲେ।

# ଡୁଙ୍ଗୁରିପାଲିରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



**ସୁବର୍ଣ୍ଣପୁର,୨୬ ।୨(ସମିସ):** ଡୁଙ୍ଗୁରିପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୧୨ଟି ଅଭିଯୋଗ ଉପରେ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୦୩ଟି ଥିବାବେଳେ ୯ଟି ସାମୂହିକ ଅଭିଯୋଗ ଉପରେ ଦରଖାସ୍ତ ଗ୍ରହଣ କରାଯାଇଥଲା। ସମସ୍ତ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପଠା କରାଯାଇଛି। ଶିବିରରେ ୨ ଜଣଙ୍କୁ ବାତ୍ସଲ୍ୟ ଯୋଜନାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ମାସକୁ ୪ ହଜାର ଟଙ୍କା ହିସାବରେ ୬ ମାସ ପାଇଁ ପ୍ରତ୍ୟେକଙ୍କୁ ୨୪ ହଜାର ଟଙ୍କା ଲେଖାଏଁର ଚେକ୍ ପ୍ରଦାନ କରାଯାଇଥିଲା। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଡୁଙ୍ଗୁରିପାଲି ବ୍ଲକ୍ ଅଧକ୍ଷା ଅହଲ୍ୟା ସାହୁ, ଉପାଧକ୍ଷ ମକରଧ୍ୱଜ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଶ୍ରମ ଉପ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର , ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀ ଅଶୋକ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଡୁଙ୍ଗୁରିପାଲି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଏନ୍‌ଏସି ଘୋଷଣା ଦାବିରେ ମନମୁଣ୍ଡା ବନ୍ଦ





**ମନମୁଣ୍ଡା/ଶଗଡ଼ା,୨୬ ।୨(ସମିସ):** ରାଜ୍ୟ ସରକାର ପ୍ରଥମେ ୩୪ଟି ଏବଂ ପରେ ବୀରମହାରାଜପୁରକୁ ନୂତନ ଏନ୍‌ଏସି ପାଇଁ ଘୋଷଣା କରିଛନ୍ତି। ତେବେ ଏଥିରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ନାଁ ନ ଥିବାରୁ ସୋମବାର ମନମୁଣ୍ଡାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏନ୍‌ଏସି କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଏହି ବନ୍ଦ ପାଳନ କରାଯାଇଥିଲା। ଦଳ ମତ ନିର୍ବିଶେଷରେ ସମସ୍ତେ ସ୍ୱତଃ ପ୍ରବୃତ୍ତ ଭାବେ ଏଥିରେ ସାମିଲ ହୋଇଥିଲେ। ଏଥିଯୋଗ ଶହ ଶହ ଯାନବାହାନ ୧୨ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଅଟକି ରହିଥିଲା।

## ପାଣିରେ ବୁଡ଼ି ଜଣେ ମୃତ

**ତରଭା,୨୬ ।୨(ସମିସ):** ତରଭାରୁ ୧୨ କିମି ଦୂର କମସରା ପଞ୍ଚାୟତ ଅଧୀନ ଜାମକାନି ଗ୍ରାମର ଡମ୍ବରୁ ତାଣ୍ଡି (୫୫)ଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ସୋମବାର ପୂର୍ବାହ୍ନରେ ଡମ୍ବରୁ ଗାଇ ଚରାଇବାକୁ ତାଙ୍କ ଚାଷ ଜମି ଆଡକୁ ଯାଇଥିଲେ। ଅପରାହ୍ନ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗାଁ ନିକଟସ୍ଥ ଖଲିଆମୁଣ୍ଡା(ବନ୍ଧ) ପାଣି ଭିତରେ ଡମ୍ବରୁ ଭାସୁଥିବା ଦେଖି ଗ୍ରାମବାସୀଙ୍କ ସହଯୋଗରେ ତାଙ୍କୁ ବାହାର କରାଯାଇଥିଲା; ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ଖବର ପାଇ ତରଭା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଆଇଆଇସି ଅନିତା କିଡୋ କହିଛନ୍ତି।

## ସୁବଲୟା ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର୍ ସଚେତନତା




**ସୁବଲୟା,୨୬ ।୨(ସମିସ):** ସୁବଲୟା ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବଳଦେବ ପୁଜାହାରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପିକା ବୀଣାପାଣି ଦାସ, ସଂସ୍କୃତ ଅଧ୍ୟାପକ ପଦ୍ମନାଭ ମେହେର, ଇତିହାସ ଅଧ୍ୟାପକ ଶୁଭ୍ରାଂଶୁ ଶେଖର ପଧାନ, ଇଂରାଜୀ ଅଧ୍ୟାପକ ଡ. ଶୟଦ ତାସିଫୁର ରେହମାନ ପ୍ରମୁଖ ଯୋଗ ଦେଇଥିଲେ। କିଭଳି ଭାବରେ ଜଣେ ପ୍ରାପ୍ତ ବୟସ୍କ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ବହୁମୂଲ୍ୟ ମତାମତ ପ୍ରଦାନ କରି ରାଷ୍ଟ୍ର ଗଠନରେ ବିଶେଷ ଭୂମିକା ଗ୍ରହଣ କରିଥାଏ, ଭୋଟ ଦେବାର ଆବଶ୍ୟକତା, ଅଧିକାର, ଆଇନ ବିଷୟରେ ମତ ରଖିଥିଲେ। ପୂର୍ଣ୍ଣଚନ୍ଦ୍ର ମେହେର, ବିଭୁତି ଭୂଷଣ କୁଦାଇ, ହୃଷିକେଶ ନାଏକ, ପୀତବାସ ଭୋଇ, ମନୋରଞ୍ଜନ ଜଗଦଲା ସହଯୋଗ କରିଥିଲେ। ସୁଦର୍ଶନ ଭରାସାଗର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବୌଦ୍ଧରେ 'ଆମ ହସ୍ପିଟାଲ' ଲୋକାର୍ପିତ



**ବୌଦ୍ଧ,୨୬ ।୨(ସମିସ):** ଦ୍ୱିତୀୟ ପର୍ଯ୍ୟାୟରେ ୧୫ଟି ଜିଲ୍ଲାର ୬୭ଟି 'ଆମ ହସ୍ପିଟାଲ' ଲୋକାର୍ପିତ ହୋଇଛି। ଏହି ଅବସରରେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ 'ଆମ ହସ୍ପିଟାଲ'ରେ ରୂପାନ୍ତରିତ କରାଯାଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭିସି ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ମାଉସୀ ମା' ମନ୍ଦିର ପରିସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତିରାଜ, ଜଙ୍ଗଲ ପରିବେଶ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ, ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଶଗଡା/କଣ୍ଟାମାଳ:** ବୌଦ୍ଧ ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ କଣ୍ଟାମାଳ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଉ ଏକ ପାଦ ଆଗେଇଛି। ସୋମବାର କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ '୫-ଟି' ଅଧୀନରେ ସାମିଲ କରାଯାଇ 'ଆମ ହସ୍ପିଟାଲ'ରେ ରୂପାନ୍ତରକରଣ କରାଯାଇଛି। ଏ ନେଇ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମନମୁଣ୍ଡା ମେଡ଼ିକାଲ ଅଫିସର ମହେନ୍ଦ୍ର ସାଏ, କଣ୍ଟାମାଳ ମେଡ଼ିକାଲ ଅଫିସର ଜଗଦୀଶ ସେଠୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## କେନ୍ଦୁଗଛ କାଟିଦେଲେ

**ଘଣ୍ଟାପଡା,୨୬ ।୨(ସମିସ):** କଣ୍ଟାମାଳ ବ୍ଲକ୍ ବରଗାଁ ହାଟପଦା ନିକଟରେ ସରକାରୀ ଜମିରେ ଥିବା କେନ୍ଦୁ ଗଛ କଟାଯାଇଛି। ଏହା ଦେଖି କେତକ ଗଣମାଧ୍ୟମ ପ୍ରତିନିଧି ଫଟୋ ଉଠାଇବା ସମୟରେ ବରଗାଁ ସମବାୟ ସମିତି ସମ୍ପାଦକ ଶ୍ରୀବସ୍ତ କଡୁଆ ପହଞ୍ଚି କାହିଁକି ଫଟୋ ଉଠାଉଛ ବୋଲି ପଚାରିବା ସହ ସୋସାଇଟି କାର୍ଯ୍ୟାଳୟ ନିର୍ମାଣ ପାଇଁ ଏହି ଗଛ କଟାଯାଇଛି। ସରକାର ୫୦ ଡିସିମିଲ ଜାଗା ଯୋଗାଇ ଦେଇଛନ୍ତି। ବୌଦ୍ଧ ଜିଲାପାଳ ଚିଠି କରିଛନ୍ତି। ତେଣୁ ଜାଗା ସଫେଇ କରାଯାଇ ଗଛ କଟା ଯାଇଛି ବୋଲି କହିଥିଲେ। ଏ ନେଇ ବିଭାଗୀୟ ବନପାଳ ଚିତ୍ତରଞ୍ଜନ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଗଛ କାଟିବା ବିଷୟରେ ସେ ଜାଣି ନାହାନ୍ତି। ଯାଞ୍ଚ କଲାପରେ ଜଣା ପଡିବ ବୋଲି କହିଛନ୍ତି।



## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ



**ହରଭଙ୍ଗା,୨୬ ।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ମହାଲିକପଡ଼ା ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ ସହିତ ଉଦ୍‌ଘାଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ, ପାନୀୟ ଜଳ, ଜଙ୍ଗଲ ପରିବେଶ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗ ଦେଇଥିଲେ। ଘୁଙ୍ଗୁରୁପଡ଼ା ରାସ୍ତା ପାଶ୍ୱର୍ ୱାଲ୍ କାର୍ଯ୍ୟ, ନୂଆପଡ଼ା ପୋଲ, ଯାବର ଚଷା ସମାଜର ନୂତନ କୋଠ ଘରର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ମହାଲିକପଡ଼ା ପଞ୍ଚାୟତ ପରିସରରେ ତିଆରି ହୋଇଥିବା ନୂତନ କଲ୍ୟାଣ ମଣ୍ଡପ ଓ ମୋ ବ୍ୟାଙ୍କ୍ ସେବାର ଉଦ୍‌ଘାନ କରାଯାଇଛି। ଏହି ଅବସରରେ ୩୫ଜଣ ନୂତନ ଭତ୍ତାଧାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମହାଲିକପଡା ସରପଞ୍ଚ ମାମୁନି ବାଘ, ସଞ୍ଜୀବ ଦେହୁରୀ, ଜ୍ୟୋତିରଞ୍ଜନ ସାହୁ, ଯୁବନେତା ଅମର ପ୍ରଧାନ, ଘାସି ରଣା, ବୌଦ୍ଧ ବିଜେଡି ଉପସଭାପତି ପ୍ରଦୀପ୍ତ ସାହୁ, ବରିଷ୍ଠ ବିଜେଡି କର୍ମୀ କିଶୋରି ଭୋକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାମାଳକୁ ଏନ୍‌ଏସି ମାନ୍ୟତା ପରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଶଗଡା,୨୬ ।୨(ସମିସ):** ଦୀର୍ଘଦିନ ଅବହେଳିତ ହୋଇ ପଡ଼ି ରହିଥିବା କଣ୍ଟାମାଳକୁ ଗତ ୨୪ତାରିଖରେ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ଏନ୍‌ଏସି ଭାବେ ଘୋଷଣା କରିଛନ୍ତି। ଏହି ମାନ୍ୟତା ମିଳିବା ପରେ କଣ୍ଟାମାଳରେ ଖୁସିର ଲହରୀ ଦେଖିବାକୁ ମିଳିଛି। ଏ ନେଇ ସୋମବାର କଣ୍ଟାମାଳ ଓକିଲ ସଂଘ ପକ୍ଷରୁ ଆଇନଜୀବୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କଣ୍ଟାମାଳବାସୀଙ୍କ ପକ୍ଷରୁ ଆଇନଜୀବୀଗଣ ଧନ୍ୟବାଦ୍ ଜଣାଇଛନ୍ତି। ସଂଘ ସଭାପତି ଦୂତିଆ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଓକିଲ ସଂଘ ସମ୍ପାଦକ ମନୋଜ ଶର୍ମା, ଆଇନଜୀବୀ କୈଳାସ ବାରିକ, ରାଧାବଲ୍ଲଭ ପ୍ରଧାନ, ନରୋତ୍ତମ ମେହେର, ଶେଷଦେବ ବଗର୍ତ୍ତି, ନୀଳାମ୍ବର ପ୍ରଧାନ, ସୁରେଶ ରଣା, ଶମ୍ଭୁ ସାହୁ, ତ୍ରିବିକ୍ରମ ପୁଝାରୀ, ତୁଳସୀଦାସ ଶର୍ମା, କୃଷକ ସଂଘ ତଥା କେନ୍ଦୁପତ୍ର କର୍ମଚାରୀ ସଂଘ ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ବରିଷ୍ଠ କୃଷକ ନେତା ଘନଶ୍ୟାମ ବୁଡାଏକ, ପ୍ରମୋଦ ରଣା, ରବି ସାହୁ, ବରିଷ୍ଠ ନାଗରିକ ଦେବୀ ପ୍ରସାଦ ନାଏକ, ବଣିକ ସଂଘ ସଭାପତି ବଜରଙ୍ଗ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ଗଜିନ୍ଦ୍ର ସାହୁ, ସୀତାରାମ ଖଟୁଆ ଓ ଭାଗ୍ୟବାନ ପଲିଆ ପ୍ରମୁଖ ଅନେକ ଅଞ୍ଚଳବାସୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଗ୍ରାମାଞ୍ଚଳ କ୍ରୀଡ଼ା ଖବର

## ଭୁବନେଶ୍ୱର କିଟ୍ ଚାମ୍ପିଅନ



୪୫ତମ ସର୍ବଭାରତୀୟ ପଳଶାଗୋରା କପିଳେଶ୍ୱର ଭଲିବଲ ପ୍ରତିଯୋଗିତା

**ପଳଶାଗୋରାକଣ୍ଟାମାଳ,୨୬ ।୨(ସମିସ):**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଳଶାଗୋରା ମକର ପଡିଆରେ ଚାଲିଥିବା ୨ ଦିନିଆ ଦିବାରାତ୍ର ୪୫ତମ ସର୍ବ ଭାରତୀୟ ପଳଶାଗୋରା କପିଳେଶ୍ୱର ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କିଟ୍ ଭୁବନେଶ୍ୱର ଓ ବାଲେଶ୍ୱର ଦଳ ମଧ୍ୟରେ ହୋଇଥିଲା। ଭୁବନେଶ୍ୱର ଦଳ ବାଲେଶ୍ୱର ଦଳକୁ ୨୫-୧୯, ୨୫-୧୮, ୨୫-୧୬ରେ ୩ଟି ସେଟ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଖେଳକୁ ଜାତୀୟ ସ୍ତରୀୟ ରେଫରୀ ପରକ୍ଷିତ ଖରସେଲ ଓ ରାଜୁ ଖରସେଲ ପରିଚାଳନା କରିଥିଲେ। ସ୍କୋରର ଭାବେ ସୁଶୀଲ ପ୍ରହରାଜ ଓ ଅଚ୍ୟୁତ ଖମାରୀ, କେଶବ ଖେତୀ ଧାରବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କଣ୍ଟାମାଳ ବିଧାୟକ ମହୀଧର ରଣା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁଙ୍କ ସହ ଅନ୍ୟ ଅତିଥିମାନେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଆନ୍ଧ୍ରପ୍ରଦେଶ, ଭିଲାଇ, ରାୟପୁର, ବାଲେଶ୍ୱର, ଭୁବନେଶ୍ୱର କିଟ୍, ବରଗଡ଼ ଦଳ ଅଂଶ ଗ୍ରହଣ କରିଥିଲେ

## ୭ମ ମାଁ ମାହେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଘଣ୍ଟପାଲି ଦଳ ଚାମ୍ପିଅନ

**ସୁବଳୟା/ବୀରମହାରାଜପୁର,୨୬ ।୨(ସମିସ):** ବୀରମହାରାଜପୁର ବ୍ଲକ ଅଧୀନ ଦେଉଳମୁଣ୍ଡା ଖେଳ ପଡ଼ିଆରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ୭ମ ମାଁ ମାହେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଘଣ୍ଟପାଲି ଦଳ ନୂଆପାଲି ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ୩ ଫର୍ମାଟ ବିଶିଷ୍ଟ ଏହି ଫାଇନାଲ ମ୍ୟାଚ୍‌ର ପ୍ରଥମ ଫର୍ମାଟରେ ନୂଆପାଲି ଦଳ ବିଜୟୀ ହୋଇଥିଲା। ପରବର୍ତ୍ତୀ ୨ଟି ଫର୍ମାଟରେ ଘଣ୍ଟପାଲି ଦଳ ବିଜୟୀ ହୋଇଥିଲା। ଏହି ଅବସରରେ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ପରିଚାଳନାରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ଜିଲ୍ଲା ପରିଷଦ ସଭ୍ୟ ଲବ ସାହୁ ମୁଖ୍ୟ ଅତିଥି, ସରକାରୀ ଓକିଲ ଶ୍ରୀନିବାସ ଚାନ୍ଦ, ଅବସରପ୍ରାପ୍ତ ପଞ୍ଚାୟତ ଇଓ ଧୀରେନ୍ଦ୍ର ବାଘ, ବାଗବର ପଞ୍ଚାୟତର ପୂର୍ବତନ ସରପଞ୍ଚ ବ୍ୟୋମକେଶ ପଣ୍ଡା, ଡୁମୁରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଭୋଇ, ଶୁଭେନ୍ଦୁ ଚାନ୍ଦ, ଖିରାନ୍ନବ ମହାକୁର ଏବଂ ରାଧାକାନ୍ତ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଜେତା ଦେଉଳମୁଣ୍ଡା ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ରାଶି ଏବଂ ଉପ ବିଜେତା ଟାଙ୍ଗରସହି ଦଳକୁ ଟ୍ରଫି ସହ ୯ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆୟୋଜକ ଦଳର ବୁଲବୁଲ ମହକୁରଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବରେ ରଞ୍ଜିତ ଚାନ୍ଦ, ଅଜିତ ଚାନ୍ଦ ଓ ପଦ୍ମଲୋଚନ ପାଢୀ ସମସ୍ତ ମ୍ୟାଚ୍ ପରିଚାଳନା କରିଥିଲେ। ରାହୁଲ ବାଘ ଓ ବିଘ୍ନରାଜ ନାଏକ ସ୍କୋରର ଥିଲେ। ଶୁଭ୍ରାଂଶୁ ଶେଖର ପାଢ଼ୀ, ଜିତେନ୍ଦ୍ର ଚାନ୍ଦ ଓ ଗୌରାଙ୍ଗ ମହାକୁର ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ।




## ଫୁଲବାଣୀକୁ ହରାଇ କମସରା ଚାମ୍ପିଅନ

## ମା' ମଙ୍ଗଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

**ତରଭା,୨୬ ।୨(ସମିସ):** ତରଭା ବ୍ଲକ୍ କମସରା ଗ୍ରାମରେ ୫ ଦିନ ଧରି ଚାଲିଥିବା ମା' ମଙ୍ଗଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଫୁଲବାଣୀକୁ ୨-୦ ଗୋଲରେ ପରାସ୍ତ କରି ମା' ମଙ୍ଗଳା ସ୍ପୋର୍ଟିଂ କମସରା ଚାମ୍ପିଅନ ହୋଇଛି। ମା' ମଙ୍ଗଳା ସ୍ପୋର୍ଟିଂ ଆନୁକୂଲ୍ୟରେ ମହୁଲପାଲି ପଡିଆରେ ଚାଲିଥିବା ୩୩ତମ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଯୋଗେଶ ପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ଦର୍ଯ୍ୟୋଧନ ରାଉତ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଶରତ ସୁନା, କୁମ୍ଭାରମୁଣ୍ଡା ସିଆରସିସି ସାରଙ୍ଗ ପଧାନ, ବଘିଆ ସିଆରସିସି ସୁରେଶ ଘିବେଲା, ସୁନୀଲ ସାହୁ, ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ, କୁମ୍ଭାରମୁଣ୍ଡା ଫରେଷ୍ଟର ଦୀନେଶ ମାଝୀ, ରଶ୍ମିରଂଜନ ଦାସ, ମା' ମଙ୍ଗଳା ଫୁଟବଲ୍ କ୍ଲବ୍ ସଭାପତି ଜୈମିନି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଜେତା କମସରା ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଓ ଉପ ବିଜେତା ଦଳ ଫୁଲବାଣୀ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଛି। ସଞ୍ଜୀବ ସାହୁ ରେଫରି ଥିଲେ। ରମେଶ ପଣ୍ଡା, ଦୁଷ୍ମନ୍ତ ରଣା ପ୍ରମୁଖ ସହଯୋଗ କରିଥିଲେ। ଚାରଭଟ୍ଟା ସିଆରସିସି ରୋହିତ କୁଅଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# କେସିଙ୍ଗା ରେଳଷ୍ଟେସନର ପୁନର୍ବିକାଶ ହେବ

## ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ

**କେସିଙ୍ଗା, ୨୬।୨(ସମିସ)**




ଅମୃତ ଷ୍ଟେସନ ଯୋଜନାରେ ସାମିଲ ହୋଇଥିବା କେସିଙ୍ଗା ରେଳଷ୍ଟେସନର ପୁନର୍ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁନର୍ବିକାଶ କ୍ଷେତ୍ରରେ କେସିଙ୍ଗା ରେଳଷ୍ଟେସନରେ ରୁଫ୍ ପ୍ଲାଜା, ସପିଙ୍ଗ୍ ଜୋନ, ଫୁଡ୍ କୋର୍ଟ, ପିଲାଙ୍କ ଖେଳ ପରିସର ଇତ୍ୟାଦି ସୁବିଧା ଉପଲବ୍ଧ ହେବ। ଏହାଛଡ଼ା ଭିନ୍ନଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ବହୁସ୍ତରୀୟ ପାର୍କିଂ, ଲିଫ୍ଟ, ଏସ୍କାଲେଟର, ଏକଜିକ୍ୟୁଟିଭ ଲାଉଞ୍ଜ, ପ୍ରତୀକ୍ଷାଳୟ, ଟ୍ରାଭେଲେଟର ଓ ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ସୁବିଧା ରହିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ କୁମାର ପଣ୍ଡାଙ୍କ ସହିତ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ, ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଆରକ୍ଷୀ ଅଧିକ୍ଷକ ଜି ଅଭିଲାଷ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ପଟ୍ଟାୟତ ସାହୁ, କେସିଙ୍ଗାର ସମସ୍ତ କାର୍ଯ୍ୟାଳୟର ପଦସ୍ଥ ଅଧିକାରୀ, ନଗରପାଳ ନୃପରାଜ ଯାଦବ ଉପସ୍ଥିତ ଥିଲେ। ରାଜ୍ୟପାଳ ଉଦବୋଧନ ଦେଇ ପ୍ରତ୍ୟେକ ଗାଆଁ ବିକଶିତ ହେଲେ ଭାରତର ବିକଶିତ ସ୍ୱପ୍ନ ସାକାର ହେବ ବୋଲି ଗୁରୁତ୍ୱାରୋପ କରିଥିଲେ। ରାଜ୍ୟପାଳ ତାଙ୍କ ଗସ୍ତ ଅବସରରେ ଉତ୍କେଳା ମିନି ଷ୍ଟାଡିୟମରେ ଆୟୋଜିତ କୃଷକମାନଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ ସହିତ ବାର୍ତ୍ତାଳାପ କରି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ମା' ଭଗବତୀ ମହିଳା ସ୍ୱାବଲମ୍ବନ ଆଶ୍ରମର ବାର୍ଷିକ ଉତ୍ସବ



**ସିନାପାଲି, ୨୬।୨(ସମିସ):** ସ୍ଥାନୀୟ ହାତୀବନ୍ଧାସ୍ଥିତ ମାଁ ଭଗବତୀ ମହିଳା ସ୍ୱାବଲମ୍ବନ ଆଶ୍ରମର ଚତୁର୍ଥ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବା ସହ ଦୀକ୍ଷା ସଂସ୍କାର, ମଣ୍ଡନ, ଅନ୍ନପ୍ରାସନ୍ନ, ବିଦ୍ୟାରମ୍ଭ ଆଦି ସଂସ୍କାର କାର୍ଯ୍ୟ କରାଯାଇଥିଲା। ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ ଓ ସିନାପାଲି ସମିତିସଭ୍ୟ ମନିଷ ପଟେଲ ଅତିଥି ଭାବେ ଉପସ୍ଥିତ ଥିଲେ। ଆଶ୍ରମ ପ୍ରତିଷ୍ଠାତା ଗାୟତ୍ରୀ ସାହୁ, ଜୟନ୍ତୀ ମେହେର, ମମତା ମେହେର, ଖିରମତି ମେହେର ଉପସ୍ଥିତ ଥିଲେ। ଯଜ୍ଞର ବ୍ୟାସ ମଞ୍ଚ ଦାୟିତ୍ୱରେ ଅର୍ଜୁନ ବାଗ, କେଶବ ମେହେର, ଜନ୍ମେଜୟ ମେହେର, ମନୋଜ ଭୋଇ, ମୀନକେତନ ଧୀବର, ରାଘବ ମେହେର ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲୋଚନ ମେହେର, ସୁବାସ ଅଗ୍ରୱାଲ, ଭବାନୀ ଶଙ୍କର କଟା, ବୃନ୍ଦାବନ କାଣ୍ଡ, ଧବଳେଶ୍ୱର ମେହେର, ସୁରେଶ୍ୱର ମେହେର, ଚନ୍ଦ୍ର ଧୀବର, ସିମାଞ୍ଚଳ ଭାଟି, ଅଶୋକ ନାଗ, ନୃପରଜ ପ୍ରଧାନୀ, ଲକ୍ଷ୍ମୀ ଧର ମେହେର, ସୁବାସ ମେହେର, ଗୁଣନିଧି ବେହେରା, ଶୈଳେଶ ଅଗ୍ରୱାଲ, ମୀନତି ମେହେର, ଉର୍ମିଳା ମେହେର, ସଜମନି ମେହେର, ଦିନେଶ ମେହେର, ହିରାଲାଲ ଅଗ୍ରୱାଲ, ମାଧୁରୀ ମାଝୀ, ଧନୀ ରାମ ଭାଟି, ସାଧୁରାମ ବରର୍ଗ୍ଡୀ, ସରୋଜ ସିଂ ନିନା, ତିଳୋତ୍ତମା ମେହେର, ସିନାପାଲି ମହିଳା ମଣ୍ଡଳ, ଗୋଲାମୁଣ୍ଡା ମହିଳା ମଣ୍ଡଳ, ଡୁର୍କେଲ ମହିଳା ମଣ୍ଡଳର ସଦସ୍ୟା ସହଯୋଗ କରିଥିଲେ। ଏଠାରେ ସୂଚନା ଯୋଗ୍ୟ, ଏହି ଆଶ୍ରମ ମହିଳାମାନଙ୍କୁ ରୋଜଗାର ଓ ଆ।ନିର୍ଭରଶୀଳ କରାଇବାରେ ବାଟ ଦେଖାଇଛି। ଏଠାରେ ଅନେକ ପ୍ରକାର ତାଲିମ ନେଇ ଶତାଧିକ ମହିଳା ନିଜସ୍ୱ ଉଦ୍ୟମରେ ରୋଜଗାର କରୁଛନ୍ତି।

# ମୁଦ୍ରା ଯୋଜନା ଓ କ୍ଷୁଦ୍ର ବ୍ୟବସାୟୀଙ୍କ ବିକାଶ ସମ୍ବନ୍ଧୀୟ କର୍ମଶାଳା



**ନର୍ଲା, ୨୬।୨(ସମିସ):** ଭାରତୀୟ ସାମାଜିକ ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏସଏସଆର)ଙ୍କ ତତ୍ତ୍ୱାବଧାନ ତଥା ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ କ୍ଷୁଦ୍ର ଓ ନାମମାତ୍ର ବ୍ୟବସାୟୀଙ୍କ ବିକାଶରେ ମୁଦ୍ରା ଯୋଜନାର ପ୍ରଭାବ ସମ୍ବନ୍ଧୀୟ ଏକଦିବସୀୟ କର୍ମଶାଳା ନର୍ଲା ଜିତୁ ଚାନ୍ଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧ୍ୟାପକ ଡ଼.ନଳିନୀକାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ମୁଖ୍ୟଅତିଥି ଭାବରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳସଚିବ ପିତାମ୍ବର ଭୋଇ, ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଡକ୍ଟର ଚିତ୍ରସେନ ଭୁଏ, ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ବିରେନ୍ଦ୍ର ସୁନା, ସ୍ଥାନୀୟ ସରପଞ୍ଚ ତନୁଜା ହରପାଲ ପ୍ରମୁଖ ମଞ୍ଚାସୀନ ଥିଲେ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକରେ ମୁଦ୍ରା ଯୋଜନାର କାର୍ଯ୍ୟକାରିତା, ଏହାର ପ୍ରଭାବ ଏବଂ କ୍ଷୁଦ୍ର ଓ ନାମମାତ୍ର ତଥା ମଧ୍ୟମ ବ୍ୟବସାୟୀଙ୍କ ବିକାଶରେ ଏହାର କି ପ୍ରଭାବ ରହିଛି ତଥା ସେମାନଙ୍କ ଅର୍ଥନୈତିକ ବିକାଶରେ କେତେଦୂର ସହାୟକ ହୋଇପାରୁଛି ସେ ସମ୍ବନ୍ଧରେ ଇତିହାସ ବିଭାଗ ଅଧ୍ୟାପକ ଡଃ ରଣାଙ୍କ ତତ୍ତ୍ୱାବଧାନରେ ଏକ ଅନୁସନ୍ଧାନ ସର୍ବେକ୍ଷଣ ଚାଲିଥିବା ବେଳେ କର୍ମଶାଳାରେ ସେହି ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ କର୍ମଶାଳାରେ ବ୍ଲକର ୨୬ ଜଣ ଏମବିକେ, ୯ ଜଣ ବ୍ୟାଙ୍କ ମିତ୍ର, ଆଶା, ଅଙ୍ଗନବାଡ଼ି, ଜନ ପ୍ରତିନିଧି, ମୁଦ୍ରା ଯୋଜନା ହିତାଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ମୁଦ୍ରା ଯୋଜନାରେ ବ୍ୟାଙ୍କରୁ ସହାୟତା ପ୍ରାପ୍ତ କରି ସଫଳ ହୋଇଥିବା କିଛି କ୍ଷୁଦ୍ର ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟବସାୟୀମାନେ ହେଉଛନ୍ତି ନବୀନ ଭୋଇ, ପ୍ରମୋଦ କୁମାର ସାହୁ, ବିକ୍ରମ ସାହୁ, ଚିରଞ୍ଜିବୀ ଗଡଡିଆ, ଶାନ୍ତି ମାଝୀ, ପଙ୍କଜିନୀ ପାଣିଗ୍ରାହୀ ଓ ମାଁ ତାରାତାରିଣୀ ମହିଳା ସଂଘ। ଉକ୍ତ ଅନୁସନ୍ଧାନ ପ୍ରକଳ୍ପର ସହାୟକ ଚିନ୍ତାମଣି ପଟେଲ, ସହାୟକ ଚିତ୍ତରଞ୍ଜନ ରଣା, କ୍ଷେତ୍ର ପରିଦର୍ଶକ ଇପ୍ସିତା ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନୋଜ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ



**ଲାଞ୍ଜିଗଡ଼, ୨୬।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ଠାରେ ନବନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସୋମବାର ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଯାଇଛି। ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବେ ଯୋଜନା ଓ ସଂଯୋଜନା ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗ ଦେଇଥିଲେ। ସେହିପରି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ତାଙ୍କ ପତ୍ନୀ ମାଳବିକା ଦେଓ, ଲାଞ୍ଜିଗଡ଼ ତହସିଲଦାର କିରଣ କୁମାର ମହାନ୍ତି, ବେଦାନ୍ତ ଲିମିଟେଡ଼ ଆସୋସିଏଟ ଉପସଭାପତି ବିଭୂଦେନ୍ଦୁ ପଣ୍ଡା, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ବିଡିଓ ଶଶାଙ୍କ ପାତ୍ର, ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆ, ପୁରୀ ମୁକ୍ତିମଣ୍ଡପ ସଭାପତି ବିଶ୍ୱନାଥ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକଙ୍କ ସମେତ ଅନ୍ୟ ଅତିଥିବୃନ୍ଦ ଯୋଗଦେଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ଶ୍ରୀଧର ପେସନିଆ, ଚନ୍ଦ୍ରଧ୍ୱଜ ପେସନିଆ, ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସଂପାଦକ କାମରାଜ ଦଳବେହେରାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟ ପୁରୋହିତ ଭାବେ ଅନନ୍ତ ଚରଣ ରଥ ଓ ଅନ୍ୟ ପୂଜକମାନେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଲାଞ୍ଜିଗଡ଼ ଅଞ୍ଚଳବାସୀ ସମେତ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେହିପରି ସପ୍ତାହ ବ୍ୟାପି ଚାଲିଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଉପଲକ୍ଷେ ଯଜ୍ଞ, ପ୍ରବଚନ ଓ ଷୋଳପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ମା' ହୀରାନୀଳା ଷ୍ଟୋନ କ୍ରସର ପକ୍ଷରୁ ତିନି ଠାକୁରଙ୍କ ପାଇଁ ରୌପ୍ୟ ମୁକୁଟ ପ୍ରଦାନ କରାଯାଇଛି। କ୍ରସର ମାଲିକ ରମେଶ ଚନ୍ଦ୍ର ସାହୁ ସ୍ୱଇଚ୍ଛାରେ ତିନି ଠାକୁରଙ୍କ ପାଇଁ ତିନି ଗୋଟି ରୌପ୍ୟ ମୁକୁଟ ଲାଞ୍ଜିଗଡ଼ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତିଙ୍କୁ ପ୍ରଦାନ କରିଛନ୍ତି। ଏହି ତିନିଟି ରୌପ୍ୟ ମୁକୁଟର ମୂଲ୍ୟ ୪ ଲକ୍ଷ ୯୦ ହଜାର ୭୦୦ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

# ମଦ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ, ଡ୍ରାଇଭର ଫେରାର

**ମ.ରାମପୁର, ୨୬।୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ ଭଟ୍ଟାପଲା ଛକ ନିକଟରେ ବେଆଇନ ଭାବେ ମଦ ପାଉଚ ଚୋରା ଚାଲାଣ ହେଉଥିବା ପିକଅପ ଭ୍ୟାନକୁ ମ.ରାମପୁର ଅବକାରୀ ବିଭାଗ ଜବତ କରିଛି। ଓଡ଼ି୦୮ୟୁ-୯୭୨୩ ନମ୍ବର ପିକଅପ ଭ୍ୟାନରେ ଚାରି ବସ୍ତା ଦେଶୀ ମଦ ପାଉଚ ଚୋରା ଚାଲାଣ ହେଉଥିଲା।




ଏହି ଚୋରା ଦେଶୀ ମଦ ପାଉଚ ଜାମୁଟ ଘୁନା ଗାଁରୁ ଆସୁଥିବା ବେଳେ ଭଟ୍ଟାପଲା ଛକ ନିକଟରୁ ଅବକାରୀ ବିଭାଗ ଧରିଥିଲା। ଚଢାଉ ବେଳେ ପିକଅପ ଭ୍ୟାନ ଡ୍ରାଇଭର ଗୌରାଙ୍ଗ ସାହୁ ଫେରାର ହୋଇଯାଇଛି। ଖବରରୁ ଜଣାଯାଇଛି ଯେ ଏହି ଗାଡିଟି ଚତୁର୍ଭୁଜ ସାହୁଙ୍କ ନାମରେ ଅଛି। ଏହି ଅଞ୍ଚଳରେ ବେଆଇନ ଭାବେ ବହୁ ଦିନ ଧରି ଚୋରା ମଦ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଅବକାରୀ ବିଭାଗ ଇନ୍ସପେକ୍ଟର ତିରୁପତି ପଟ୍ଟନାୟକ ଏହାର ତଦନ୍ତ ଜାରି ରଖିଛନ୍ତି।

# ହାତୀବନ୍ଧା ଶିଶୁ ମନ୍ଦିରର ପୁରସ୍କାର ବିତରଣ ଉତ୍ସବ



**ସିନାପାଲି, ୨୬।୨(ସମିସ):** ସିନାପାଲି ବ୍ଲକ ହାତୀବନ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା ସମିତିର ସଭାପତି ପ୍ରଫୁଲ୍ଲ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟରେ ସ୍ଥାନୀୟ ମହାବିଦ୍ୟାଳୟ ଅଧ୍ୟାପିକା କାଞ୍ଚନବାଳା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସମ୍ପାଦକ ସୁରେଶ ଚନ୍ଦ୍ର ମେହେର, ଖଗେଶ୍ୱର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସରୋଜ ସିଂ ନିନା ମଞ୍ଚ ପରିଚାଳନା କରିଥିଲେ। ହିମାଂଶୁ ହଂସ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହରିହର ସାଗର ରୂପାନ୍ତରୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କ ପରିଦର୍ଶନ



**ମ.ରାମପୁର, ୨୬।୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ସହର ମଧ୍ୟଭାଗରେ ଥିବା ବହୁ ପୁରାତନ ହରିହର ସାଗରର ରୂପାନ୍ତରୀକରଣ ପାଇଁ ମଙ୍ଗଳବାର କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀମାନେ ହରିହର ସାଗର ପରିଦର୍ଶନ କରିଛନ୍ତି। ପ୍ରକାଶଥାଉକି ଗତ ଜାନୁଆରୀ ୧୨ ତାରିଖରେ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ କଳାହାଣ୍ଡି ଗସ୍ତ ସମୟରେ ହରିହର ସାଗରର ରୂପାନ୍ତରୀକରଣ ପାଇଁ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ ଦାବି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଚିଠି ନଂ- ୯୬୬, ତା ୨୧।୨।୨୪ରେ କଳାହାଣ୍ଡି କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମ.ରାମପୁର ଏମ୍ ଆଇ ସବ୍‌ଡିଭିଜନ ଓ ସେକ୍ସନକୁ ପତ୍ର ଆସିଥିଲା। ଏହି ପତ୍ରରେ ହରିହର ସାଗରର ରୂପାନ୍ତରୀକରଣ ପାଇଁ ସ୍ଥାନ ପରିଦର୍ଶନ କରି ତୁରନ୍ତ ରିପୋର୍ଟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବା ପାଇଁ ଆଦେଶ ହେବା ଫଳରେ ବିଭାଗୀୟ ଅଧିକାରୀମାନେ ହରିହର ସାଗର ପରିଦର୍ଶନ କରିଛନ୍ତି। ପରିଦର୍ଶନରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଶତପଥୀ, ହିରେନ୍ଦ୍ର ପ୍ରତାପ ସିଂହ ଦେଓ, ବିକାଶ ରଞ୍ଜନ ସିଂହ ଦେଓ, ସତ୍ୟ ନାରାୟଣ ସାହୁ ଓ ପ୍ରଶାନ୍ତ ସାମନ୍ତରା ଉପସ୍ଥିତ ରହିଥିଲେ।

# ବିନା ସୂଚନାଫଳକରେ ରାସ୍ତାକାମ

**ଜୟପାଟଣା, ୨୬।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପୂର୍ତ୍ତ ବିଭାଗ ପକ୍ଷରୁ ହେଉଥିବା କାର୍ଯ୍ୟଗୁଡିକ ଠିକାଦାର ପୋଷା ନୀତିରେ ହେଉଥିବା ଅଭିଯୋଗ ହେଉଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ହେଉଥିବା ରାସ୍ତା, ପୋଲ କାର୍ଯ୍ୟଠାରୁ ଆରମ୍ଭ କରି ଦୁର୍ଘଟଣା ନିରୋଧୀ ସୁରକ୍ଷା ବାଡ଼ ନିର୍ମାଣ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏଣୁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ କାର୍ଯ୍ୟ ସମ୍ପାଦନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜୟପାଟଣା ବ୍ଲକ ପିପଲଗୁଡା ବ୍ରିଜ ନିକଟରେ ରାସ୍ତାର ଦୁଇ ପଟରେ ବିନା ସୂଚନା ଫଳକ ଓ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ସୁରକ୍ଷା ବାଡ଼ କାମ ହେଉଛି। ଷ୍ଟିଲ ବାର୍‌ଗୁଡିକ କେଉଁ କମ୍ପାନୀ ଅବା କେଉଁ ଗ୍ରେଡ୍‌ର କିଛି ଲେଖାଯାଇ ନାହିଁ। ବିନା ଡ୍ରଇଂରେ ସ୍ଥାନୀୟ ଶ୍ରମିକଙ୍କୁ ଲଗାଇ କେବଳ ଅଳ୍ପ ଗାତ ଖୋଳି ଟିକିଏ ସିମେଣ୍ଟ କଂକ୍ରିଟ ଦେଇ କାର୍ଯ୍ୟ କରାଯାଉଛି। ଏ ନେଇ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ ମଧ୍ୟ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଗତ ଦିନରେ ବାନେର ତଥା ଢୁଲୁଘାଟି ରାସ୍ତା ନିମ୍ନମାନର ଅଭିଯୋଗ ହୋଇଥିଲା। ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ, ଏସ୍‌ଡିଓ ତଥା କନିଷ୍ଠ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାରଙ୍କ ମିଳିତ ସଲାସୁତ୍ରରାରେ ସବୁ କାମ ହେଉଛି। ଯନ୍ତ୍ରୀ, ଠିକାଦାର ଲାଭବାନ ହେଉଥିବା ବେଳେ ସରକାରୀ ଟଙ୍କା ପାଣିରେ ପଡୁଛି। ଏ ନେଇ ଭବାନୀପାଟଣା ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଛନ୍ତି।

# ଅଦିନିଆ ବର୍ଷାରେ ଉଜୁଡ଼ିଲା ମୁଗ ଫସଲ

**ମ.ରାମପୁର, ୨୬।୨(ସମିସ):** ଅଦିନିଆ ବର୍ଷା ଯୋଗୁ ମ.ରାମପୁର ଅଞ୍ଚଳର ଅଧିକାଂଶ ସ୍ଥାନରେ ମୁଗ ଫସଲ ନଷ୍ଟ ହୋଇଛି। ଫଳରେ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। କେତେବେଳେ ମରୁଡ଼ି ତ ଆଉ କେତେବେଳେ ରୋଗ ପୋକ ଯୋଗୁଁ ଫସଲ ନଷ୍ଟ ହେଉଛି। ଫସଲ ଘରକୁ ନ ପହଞ୍ଚିବା ପର୍ଯ୍ୟନ୍ତ ଚାଷୀ ଶାନ୍ତିରେ ଶୋଇପାରେ ନାହିଁ। ଏବେ ମୁଗ ଫସଲ ଅମଳ ଚାଲିଛି। ଚାଷୀ ମୁଗ ଗଛ ଉପାଡି ବିଲରେ ଶୁଖାଇ ରଖିଥିଲେ। ଶୁଖିଲା ପରେ ଘରକୁ ଆଣି ବିକ୍ରି କରି ଦୁଇ ପଇସା ପାଇଥାନ୍ତେ। ହେଲେ ଅଦିନିଆ ବର୍ଷା ଦାଉ ସାଧିଛି। ବର୍ଷା ପ୍ରଭାବରୁ ଅଞ୍ଚଳର ଅନେକ ଚାଷୀଙ୍କ ମୁଗ ଫସଲ ନଷ୍ଟ ହୋଇଯାଇଛି। ପାଣି ରେ ଭିଜି ମୁଗ ଗୁଡିକରେ ଗଜା ବାହାରି ପଡ଼ିଛି। ଯଦ୍ୱାରା ମୁଗ ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି। ଏଥିପ୍ରତି ପ୍ରଶାସନ ବିହିତ ଦୃଷ୍ଟି ଦେଇ ମୁଗ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଚାଷୀ ଦେବାର୍ଚ୍ଚନ ମହାଖୁଡ, ବିନୋଦ ମହାଖୁଡ, ପ୍ରଶାନ୍ତ ସାମନ୍ତରା ଓ ରାମେଶ୍ୱର ତ୍ରିପାଠୀ ପ୍ରମୁଖ ଦାବି ଜଣାଇଛନ୍ତି।



# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା କେନ୍ଦ୍ର ପାଇଁ ଦାବି

**● ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ**

**ଭବାନୀପାଟଣା, ୨୬।୨(ସମିସ):** ଭବାନୀପାଟଣାରେ ଓଡ଼ିଶା ପ୍ରଶାସନିକ ସେବାର ପରୀକ୍ଷା କେନ୍ଦ୍ର କରିବା ଦାବିରେ ଆଶାୟୀ ପରୀକ୍ଷାର୍ଥୀମାନେ ରାଜ୍ୟପାଳ ରଘୁବର ଦାସଙ୍କ କଳାହାଣ୍ଡି ଗସ୍ତ ସମୟରେ ତାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରହ୍ମର୍ଷି ନାଏକ ଯାଦବଙ୍କ ନେତୃତ୍ୱରେ ଜ୍ୟୋତି ପ୍ରକାଶ ନାୟକ, ଲୋକେଶ ହଂସ, ଥବିର ବାଗ, ହେମରାଜ ଛତ୍ରିଆ, ସୁଧାଂଶୁ ସାହୁ, ହିତେଶ ବେହେରା, ଭାଗବତ ମାଝୀଙ୍କ ସମେତ ବହୁ ପରୀକ୍ଷାର୍ଥୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଅବିଭକ୍ତ କେବିକେ ଜିଲ୍ଲାରେ ଗୋଟିଏ ମଧ୍ୟ ପରୀକ୍ଷା କେନ୍ଦ୍ର ନ ଥିବାରୁ ଏହି ଅଞ୍ଚଳର ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭବାନୀପାଟଣାଠାରୁ ସମ୍ବଲପୁରର ଦୂରତା ୨୫୦ କି.ମି. ଏବଂ ବ୍ରହ୍ମପୁର ପାଖାପାଖି ୨୯୦ କିଲୋମିଟର। ଯେହେତୁ ଭବାନୀପାଟଣା ଅବିଭକ୍ତ କେବିକେ ଅଞ୍ଚଳର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏବଂ ଏଠାରେ ସରକାରୀ ଓ ବେସରକାରୀ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ରହିଛି। ଏଠାରେ ପରୀକ୍ଷା କେନ୍ଦ୍ର ହେଲେ ସ୍ଥାନୀୟ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ନିକଟସ୍ଥ ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ ଜିଲ୍ଲାର ଏବଂ ବଲାଙ୍ଗୀର, ଟିଟିଲାଗଡ଼ ସବଡିଭିଜନର ପରୀକ୍ଷାର୍ଥୀମାନଙ୍କ ପାଇଁ ପରୀକ୍ଷାକେନ୍ଦ୍ର ନିକଟ ହେବ। ଏହା ଦ୍ୱାରା ଏହି ଅଞ୍ଚଳର ଭିନ୍ନକ୍ଷମ, ମହିଳା ଏବଂ ଗରିବ ଶ୍ରେଣୀର ପରୀକ୍ଷାର୍ଥୀମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ। ପୁନଶ୍ଚ ଏହିଠାରେ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି ହେବ ଏବଂ ଏହି ଅଞ୍ଚଳରୁ ଅଧିକରୁ ଅଧିକ ସଂଖ୍ୟକ ପରୀକ୍ଷାର୍ଥୀମାନେ ସଫଳ ହୋଇପାରିବେ।

# ୧ରୁ ପ୍ୟାକ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୂଆପଡ଼ା, ୨୬।୨(ସମିସ):** ରାଜ୍ୟ ପ୍ୟାକ୍ସ ସଂଘର ନିର୍ଦ୍ଦେଶ କ୍ରମେ ମାର୍ଚ୍ଚ ୧ରୁ ନୂଆପଡ଼ା ଜିଲ୍ଲା ପ୍ୟାକ୍ସ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏ ନେଇ ସେମାନେ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସେମାନେ ଚାଷୀଙ୍କ ପାଇଁ ସମବାୟ ବିଭାଗର ସମସ୍ତ କାର୍ଯ୍ୟ କରୁଛନ୍ତି; ହେଲେ ପ୍ରଶାସନ ଅଣଦେଖା କରୁଛି। ସେମାନଙ୍କୁ କ୍ୟାଡ଼ରଭୁକ୍ତ କରି ବଦଳି କରାଯାଉ। ଷଷ୍ଠ ବେତନ କମିଶନ ହାରରେ ପାଉଥିବା କର୍ମଚାରୀଙ୍କ ଡିଏ ୧୬୪ ପ୍ରତିଶତରୁ ୨୩୦ ପ୍ରତିଶତ ପର୍ଯ୍ୟନ୍ତ ତୁରନ୍ତ ବୃଦ୍ଧି କରାଯାଉ। ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ଦାବି କରିଛନ୍ତି। ହେମସାଗର ସାହୁ, କାନ୍ତିଲାଲ ସାହୁ, ସୁରଜ ଦାସ, ନବକିଶୋର ସାହୁ, ଦିନେଶ ଚନ୍ଦନ, ଦେଓଲାଲ ସାହୁ ପ୍ରମୁଖ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଥିଲେ।

**ଅକ୍ଷୟ ପୁଝାରୀ ସ୍ମାରକୀ ଆନ୍ତଃଜିଲ୍ଲା କ୍ରିକେଟ୍**

# ଚିଚିଆକୁ ହରାଇ ଧିଙ୍ଗିଆମୁଣ୍ଡା ଚାମ୍ପିଅନ



**ଧର୍ମଗଡ଼, ୨୬।୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ମୁଖିଗୁଡାଠାରେ ମା' ଠାକୁରାଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅକ୍ଷୟ ପୁଝାରୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଦୀର୍ଘ ୮ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ କଳାହାଣ୍ଡି ଜିଲ୍ଲା ଚିଚିଆ ବନାମ ନୂଆପଡ଼ା ଜିଲ୍ଲା ଧିଙ୍ଗିଆମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚିଚିଆ ଦଳ ପ୍ରଥମେ ବ୍ୟାଟିଂ ନେଇ ନିର୍ଦ୍ଧାରିତ୧୨ଓଭରରେ ୧୦୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଧିଙ୍ଗିଆମୁଣ୍ଡା ବ୍ୟାଟିଂ କରି ୬ ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ ହୋଇଛି। ବରିଷ୍ଠ ସମାଜସେବୀ ତଥା ବିଜେଡି ନେତା ଅଶୋକ ପଟ୍ଟଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଡିଓ ସୀମାଞ୍ଚଳ ମାଝୀ, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଇଙ୍ଗିତ ପଣ୍ଡା, ସରପଞ୍ଚ ଆଶୁତୋଷ ପଟ୍ଟଯୋଷୀ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସମିତି ସଭ୍ୟ ଉପସ୍ଥିତ ରହି ରନର୍ସ ଅପ୍ ଏବଂ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଜନ୍ମେଜୟ ପୁଝାରୀ, ସନ୍ତୋଷ ନାୟକ, ପିଣ୍ଟୁ ଚଣ୍ଡୀ, ଅଜୟ ପୁଝାରୀ, ଟୁକୁ ଚଣ୍ଡୀ, ଦେବେନ୍ଦ୍ର ବାଗ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ହେମନ୍ତ ଚଣ୍ଡୀ, ପ୍ରବୀଣ ପୁଝାରୀ, ସହ ସମ୍ପାଦକ ନଇମିସ ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ ପୂର୍ବତନ ସରପଞ୍ଚ ମଙ୍ଗନିଆ ଦୁର୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା'ମାଣିକେଶ୍ୱରୀଙ୍କୁ ଦର୍ଶନ କଲେ ରାଜ୍ୟପାଳ



**ଭବାନୀପାଟଣା, ୨୬।୨(ସମିସ)**

ରାଜ୍ୟପାଳ ରଘୁବର ଦାସ ସୋମବାର ଦିନିକିଆ ଗସ୍ତରେ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଏବଂ ଭବାନୀପାଟଣା ବ୍ଲକର ୮ଟି ସ୍ଥାନ ପରିଦର୍ଶନ କରିଛନ୍ତି। ପ୍ରଥମେ ଭବାନୀପାଟଣା ସହରସ୍ଥିତ ମା' ମାଣିକେଶ୍ୱରୀଙ୍କ ମନ୍ଦିର ଯାଇ ରାଜ୍ୟପାଳ ପୂଜାର୍ଚ୍ଚନା କରିଥିଲେ। ଏହାପରେ ନେହେରୁ ସେବା ସଂଘ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ କେନ୍ଦ୍ରକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରି ଜୀବନରେ ଖୁବ୍ ପରିଶ୍ରମ କରିବା, ପାଠ ପଢ଼ିବା ଏବଂ ନିଜ ଭବିଷ୍ୟତ ଗଢ଼ିବାକୁ ଉପଦେଶ ଦେବାସହ ଫଳ ବଣ୍ଟନ କରିଥଲେ। ଥୁଆପଦର୍ ଗ୍ରାମପଞ୍ଚାୟତର ତେନ୍ତୁଲିଖୁଣ୍ଟି ଛକରେ ଅନୁଷ୍ଠିତ ପ୍ରାୟ ୨୦୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମାବେଶ ସଭାରେ ମା'ମାନଙ୍କୁ ନିଜ ଜୀବିକା ଖଳିଦନା, ମସଲା ପ୍ରସ୍ତୁତି, ଛେଳି ପାଳନ, ଗାଁ ପୋଖରୀ ମାଛ ଚାଷ, ନର୍ସରୀ ଉପରେ ବିଭିନ୍ନ ପ୍ରଶ୍ନ ପଚାରି ଆଲୋଚନା କରିଥିଲେ। ପାଷ୍ଟିଗୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତ କରି ରୋଗୀମାନଙ୍କୁ ଭେଟି ଡାକ୍ତରଖାନାରେ ମିଳୁଥିବା ସୁବିଧା ଉପରେ ପଚାରିଥିଲେ। ପାଷ୍ଟିଗୁଡ଼ି ଅଙ୍ଗନବାଡ଼ି କେନ୍ଦ୍ର ଗସ୍ତ କରି ପୋଷଣ ଯୋଜନା ସଂକ୍ରାନ୍ତରେ ଅଭିଭାବକ ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନାସିଗାଁରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ଗସ୍ତ ଅବସରରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ବିଷ ଖୁଆଇ ହତ୍ୟା ଅଭିଯୋଗ

**ବଲାଙ୍ଗିର,୨୬ ।୨(ସମିସ):** ଭାଉଜ ସହ ଶାରୀରିକ ସଂପର୍କ ରଖିଥିଲେ ସ୍ୱାମୀ। ଏହାକୁ ପତ୍ନୀ ବାରଣ କରିବାରୁ ଭାଉଜ ସହ ମିଶି ପତ୍ନୀଙ୍କୁ ବିଷ ଖୁଆଇ ମାରିଦେଲେ। ଏଭଳି ଏକ ଅଭିଯୋଗ ନେଇ ନ୍ୟାୟ ପାଇଁ ବଲାଙ୍ଗିର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଖପ୍ରାଖୋଲ ଥାନା ଅନ୍ତର୍ଗତ ବାଗ୍‌ଝରେନ୍ ଗାଁର ମହିଳା ଅଇଁଲା ପୁଞ୍ଜୀ। ଅଭିଯୋଗକାରିଣୀଙ୍କ ଝିଅ ତପସ୍ଵିନୀ ନାଗ (୨୬) ୭ ବର୍ଷ ତଳେ ବାଙ୍କିବାହାଲର ମହେଶ୍ୱର ନାଗଙ୍କୁ ବିବାହ କରିଥିଲେ। ଝିଅ ତପସ୍ୱିନୀଙ୍କ ଅନୁସାରେ, ମହେଶ୍ୱର ତାଙ୍କ ଭାଉଜଙ୍କ



ସହିତ ଶାରୀରିକ ସଂପର୍କ ରଖି ଆସୁଥିଲେ। ଗତ ଜାନୁଆରୀ ୧୯ ତାରିଖରେ ତପସ୍ୱିନୀ ଏନେଇ ପଚାରିବାରୁ ମହେଶ୍ୱର, ତାଙ୍କ ଭାଉଜ ଏବଂ ସାଧ ନାଗ କାଠଫାଳରେ ନିଷ୍ଠୁର ମାଡ଼ ମାରି ଗାଳିଗୁଲଜ କରିଥିଲେ। ପରେ ତପସ୍ୱିନୀଙ୍କୁ ବିଷାକ୍ତ ଔଷଧ ଜୋର୍‌ଜବରଦସ୍ତ ପିଆଇ ଦେଇଥିଲେ। ପରେ ତପସ୍ୱିନୀ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ ହସ୍‌ପିଟାଲ୍‌ରେ ପ୍ରାଣ ହରାଇଥିଲେ। ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଇଁଲା ଏସ୍‌ପିଙ୍କୁ ଜଣାଇଛନ୍ତି।

# ଅତ୍ୟାଧୁନିକ ଜିଲ୍ଲା ଡାକ୍ତରଖାନା ଲୋକାର୍ପିତ

**ସୋନପୁର, ୨୬ ।୨(ସମିସ)**

ଜିଲ୍ଲାବାସୀଙ୍କ ବହୁ ଦିନର ସ୍ୱପ୍ନ ପୂରଣ ହୋଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡି ହୋଇଛି। ନୂତନ ଭାବେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ଜିଲ୍ଲା ଡାକ୍ତରଖାନା ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହାର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ରୟାଲ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ତାମସି ତାମସ୍ୱିତା ନାଏକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ରଙ୍କ ସହ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେବଳ ଯେ ରୋଗୀଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ରହିଛି ତାହା ନୁହେଁ; ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ୬୦ ଶଯ୍ୟା ବିଶିଷ୍ଟ ବିଶ୍ରାମାଗାର ମଧ୍ୟ ନିର୍ମାଣ ହୋଇଛି। ଏହି ନବ ନିର୍ମିତ ଜିଲ୍ଲା ଡାକ୍ତରଖାନା ୩୦୦ ଶଯ୍ୟା ବିଶିଷ୍ଟ ରହିଛି। ସିଟି ସ୍କାନ, ନୂଆ ଏମର୍ଜେନ୍ସି ୟୁନିଟ, ଡାଏଲିସିସି, ସେଣ୍ଟ୍ରାଲ ଲାବ୍, ସେଣ୍ଟ୍ରାଲ ଡାଇଗ୍ନୋଷ୍ଟିକ୍ ୟୁନିଟ୍, ସ୍ୱତନ୍ତ୍ର ଇନଫେକସନ୍ ୟୁନିଟ୍ ଆଦି ରହିଛି। ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ର ଏବଂ ମିଶନ ଶକ୍ତି କାଫେ ମଧ୍ୟ ଖୋଲାଯାଇଛି।





**ବୀରମହାରାଜପୁର:** ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ 'ଆମ ହସ୍ପିଟାଲ' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସି ଜରିଆରେ ଲୋକାର୍ପିତ ହୋଇଛି। ବୀରମହାରାଜପୁରରେ ବିଧାୟକ ପଦ୍ମନାଭ ବେହେରା ଉପସ୍ଥିତ ରହି ଫଳକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ବ୍ଲକ ଅଧକ୍ଷ ଶାନ୍ତି ଲୁହା, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ଜଟେସିଂହା ସମିତି ସଭ୍ୟ ରଶ୍ମିତା ପାଣ୍ଡେ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ସ୍ୱୟମ୍ଭୁନାଥ ଖଣ୍ଡଗିରି ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ସଞ୍ଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏସି ଦାବିରେ ଆଜି ସୁବଳୟା ବନ୍ଦ ଡକରା

**ସୁବଳୟା, ୨୬ ।୨ (ସମିସ):** ବୀରମହାରାଜପୁର ବ୍ଲକର ସୁବଳୟାକୁ ଏନଏସି ଦାବିରେ ସୋମବାର ସ୍ଥାନୀୟ ସଚେତନତା ନାଗରିକ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ମଙ୍ଗଳବାର ସୁବଳୟା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୁବଳୟା ସମସ୍ତ ସ୍କୁଲ କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ଗାଡି ମୋଟର ଚଳାଚଳ ମଧ୍ୟ ବନ୍ଦ ରହିବ। ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ର ଓ ସାମ୍ବାଦିକ ରାଜେଶ ସେଠୀଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ନନ୍ଦି କିଶୋର ମିଶ୍ର, ସାମ୍ବାଦିକ ସଞ୍ଜିବ ମେହେର, ପୂର୍ଣ୍ଣଚନ୍ଦ୍ର ମେହର, ହର ସାହୁ, ସଞ୍ଜୟ ବାଗ, ଯଦୁମଣି ମେହେରଙ୍କ ସହ ଅଞ୍ଚଳର ବହୁ ଜନସାଧାରଣ ସାମିଲ ହୋଇଥିଲେ।



# ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗିର,୨୬।୨(ସମିସ):** ବଲାଙ୍ଗିର ସହର ନିକଟସ୍ଥ କଦଳୀମୁଣ୍ଡା ନର୍ସରୀ ଠାରେ ସିକାଛିଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିରାକାର ସାଏଙ୍କ ତତ୍ତ୍ୱାବଧାନରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲଗୁଡିକରୁ ଭିନ୍ନ ଭିନ୍ନ ସମୟରେ ଅବସର ନେଇସାରିଥିବା ୧୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ସୁଦାମଚନ୍ଦ୍ର ବହିଦାର, ଅକ୍ଷୟ ପାଢ଼ୀ, ଗାୟତ୍ରୀ ସାହୁ, ବିଜୟଲକ୍ଷ୍ମୀ ଷଡ଼ଙ୍ଗୀ, ବିଜୟଲକ୍ଷ୍ମୀ ସାହୁ, ଶକୁନ୍ତଳା କର, ସ୍ନେହାଞ୍ଜଳି ମିଶ୍ର, ଅନୁପମା ପାଣ୍ଡିଆ, ପ୍ରତିମା ମିଶ୍ର, ବିଦ୍ୟୁପ୍ରଭା ମହାପାତ୍ର। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶିକାଛିଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ସ୍ମିତାରାଣୀ ତ୍ରିପାଠୀ, ଚନ୍ଦ୍ରକାନ୍ତି ସିଂ, ସଂଯୁକ୍ତା ପାଣିଗ୍ରାହୀ ଓ ଶିକ୍ଷକ ଓମ୍ ପ୍ରକାଶ ସାହୁ, ମହାଦେବ ଦୀପ, ଅଚ୍ୟୁତାନନ୍ଦ ଦାସ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଗୋପାଳଜୀ ଚୌଧୁରୀ ସଭା ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ମହେଶ୍ୱର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଭତ୍ତା ମିଳୁନି; ୪ ହିତାଧିକାରୀ ବିଡିଓଙ୍କ ଦ୍ୱାରସ୍ଥ

**ବୌଦ୍ଧ, ୨୬ ।୨(ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଏରେଡା ଗ୍ରାମର ୪ ହିତାଧିକାରୀ ବେଦମତୀ ପ୍ରଧାନ, ପୂର୍ଣ୍ଣବାସୀ ବଗର୍ତ୍ତୀ, କିଶୋରୀ ଅଦାବର, ସଂକୀର୍ତ୍ତନ୍ୟ ଅଦାବରଙ୍କୁ ଭତ୍ତା



ଟଙ୍କା ମିଳୁନି। ଏ ନେଇ ସେମାନେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏମାନଙ୍କ ଭତ୍ତା ଆବେଦନ ମଞ୍ଜୁର ହୋଇଛି। ଚଳିତ ମାସ ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରୁ ମିଳିବ ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁହା ଯାଇଥିଲା; ମାତ୍ର ନ ମିଳିବାରୁ ସେମାନେ ବ୍ଲକର ଦ୍ୱାରସ୍ଥ ହୋଇଛନ୍ତି।

# ବାରପୁଡୁଗିଆ ଉଚ୍ଚବିଦ୍ୟାଳୟର କୋଠା ଲୋକାର୍ପିତ

**ବଲାଙ୍ଗିର, ୨୬।୨ (ସମିସ):** ବାରପୁଡୁଗିଆ ପଞ୍ଚାୟତର ବାରପୁଡୁଗିଆ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଉନ୍ନିତ କରି ସରକାର



ଗତବର୍ଷ ଉଚ୍ଚ ବିଦ୍ୟାଳୟରେ ଉନ୍ନୀତ କରିଛନ୍ତି। ନୂତନ କୋଠା ନିର୍ମାଣ ପାଇଁ ଏଲଏସଆଇପି ସିଏସଆର ପାଣ୍ଠି ଏବଂ ଏସସିଏଫ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇ ନୂତନ ନିର୍ମିତ କୋଠାକୁ ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ସମ୍ମାନିତ ଅତିଥି ସରପଞ୍ଚ ଜନ୍ମଜୟ ମେହେର, ସୁବାସ ବୋଷ ଏମଇ ସ୍କୁଲର ପ୍ରତିଷ୍ଠାତା ବୈଷ୍ଣବ ଚରଣ ମିଶ୍ର, ଯୁବନେତା ସମରେନ୍ଦ୍ର ମିଶ୍ର, ପାକ୍ସ ସଭାପତି ନିଳାଦ୍ରି ବିହାରୀ ମିଶ୍ର, ବୁଦ୍ଧିଜୀବୀ ନିମାଇଁ ଚରଣ ପାଣିଗ୍ରାହୀ, ଶିକ୍ଷାବିତ ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ପ୍ରଧାନଶିକ୍ଷକ ରବିଚନ୍ଦ୍ର ଧରୁଆ, ପରିଚାଳନା କମିଟି ସଭାପତି ବିଭୁପ୍ରସାଦ ନାଗ ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

**ବଲାଙ୍ଗିର, ୨୬।୨(ସମିସ):** ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସେବା ସଂସଦର ନିଷ୍ପତ୍ତିକ୍ରମେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ତରଫରୁ ବଲାଙ୍ଗିର ବ୍ଲକ ଅଧିନସ୍ଥ ସିନଖମନ ମହନ୍ତ ଗିରିଧାରୀ ହାଇସ୍କୁଲ ପ୍ରାଙ୍ଗଣରେ ଜିଲ୍ଲା ଚିକିତ୍ସାଧାରୀଙ୍କ ନେତୃତ୍ୱରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଚୁଡାପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରକାଶ ଦାଶ ଏବଂ କର୍ମଚାରୀଙ୍କ ସହ ସୁନେତ୍ରା ଯୋଜନାର ନୋଡାଲ ଅଫିସର ଚକ୍ଷୁ ବିଶେଷଜ୍ଞ ଡା. ଉଷା ଦାଶ ଯୋଗଦେଇଥିଲେ। ଶିବିରରେ ୪ଟି ପଞ୍ଚାୟତରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା, ଶିଶୁ ଚିକିତ୍ସାର ସୁଯୋଗ ପାଇଥିଲେ। ସମସ୍ତଙ୍କୁ ମାଗଣାରେ ଔଷଧ ଏବଂ ଆବଶ୍ୟକସ୍ଥଳେ ୬୬ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ପଞ୍ଚାୟତ ଏବଂ ହାଇସ୍କୁଲର କର୍ମଚାରୀଗଣ ସହଯୋଗ କରିଥିଲେ। ଜିଲ୍ଲା ସଂଘର ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ଉପଦେଷ୍ଟା ସୁବାସଚନ୍ଦ୍ର ପଣ୍ଡା, ସହକାରୀ ସମ୍ପାଦକ ଯଥା ବିଶ୍ୱାଲ, ଉପସଭାପତି ଶିବଶଙ୍କର ଖୁଆସ, ଜ୍ୟୋତ୍ସ୍ନା ନନ୍ଦ, କୋଷାଧକ୍ଷ ଶଶିଭୂଷଣ ପୁରୋହିତଙ୍କ ସହିତ କାର୍ଯ୍ୟକାରୀ ସଦସ୍ୟ ବିପିନ ପଣ୍ଡା, ଡା. ଉମା ପାତ୍ର, ସଭ୍ୟ ବିଭୁ ନନ୍ଦ, ମହିଳା ସଭ୍ୟା ପ୍ରତିମା ମିଶ୍ର ଯୋଗ ଦେଇଥିଲେ। ସଭାପତି ଗୁରୁଶ୍ରୀ ଡ. ଘାସିରାମ ମିଶ୍ରଙ୍କ ଅନୁମୋଦନକ୍ରମେ ସଂଘର ସମ୍ପାଦକ ବସନ୍ତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବାସନ୍ତିକ କାବ୍ୟୋତ୍ସବ

**ଭବାନୀପାଟଣା, ୨୬ ।୨ (ସମିସ):** ସାହିତ୍ୟ ପାଇଁ ବସନ୍ତର ଭୂମିକା ବେଶ୍ ଗୁରୁତ୍ୱ। ସ୍ରଷ୍ଟା ବସନ୍ତକୁ ମାଧ୍ୟମ କରି ପ୍ରେମର ଫଲ୍‌ଗୁ ସୃଷ୍ଟି କରେ। ମଳୟ ବହିଲେ ଆମ୍ରକୁଞ୍ଜ ପଟୁ କୋଇଲି ପ୍ରାରମ୍ଭିକ ସଙ୍ଗୀତ ଗାନ କରେ। ବସନ୍ତ ଧରାକୁ ଉତୁରିଲେ ପ୍ରକୃତି ପ୍ରେମିକ ହୋଇଉଠେ। ବିଭୋର ହୋଇଉଠେ ପ୍ରେମମୟ ଜଗତ। ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୦୫ସଂଖ୍ୟା ସାରସ୍ୱତ ପର୍ବ ବାସନ୍ତିକ କାବ୍ୟୋତ୍ସବ ଅବସରରେ କବିଗଣ ଏଭଳି ମତବ୍ୟକ୍ତ କରିଥିଲେ। ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ସାହିତ୍ୟିକ ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ଅତିଥି ଭାବେ କବି ଅଶୋକ ଖମାରୀ, ପୂର୍ବତନ ଉପ ଆରକ୍ଷୀ ଅଧିକ୍ଷକ ସୁନୀଲ ଆଚାର୍ଯ୍ୟ ଓ ଶିକ୍ଷାବିତ ଶିବରାମ ନାୟକ ମଞ୍ଚାସୀନ ଥିଲେ। ଶିଳ୍ପୀ କାଜଲ ମହାରଣା ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ସବିତା ଶତପଥୀ, ଆନନ୍ଦିନୀ ପାତ୍ର, କିଶୋର ମହାନନ୍ଦ, ପ୍ରାଞ୍ଜଳ ଠାକୁର, ଦୀପ୍ତି ମୁଣ୍ଡ, ସାଗର ବୈଠାରୁ, ଅଶୋକ ଖମାରୀ, ସୁନୀଲ ଆଚାର୍ଯ୍ୟ, ଆଦର୍ଶ ବେହେରା, କାଜୁ ମହାରଣା, ଚିତ୍ତରଞ୍ଜନ ସାହୁ ପ୍ରମୁଖ କବିତା ଆବୃତ୍ତି ସହ ଗପ ପାଠ କରିଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।




# ମନୁପାଲିରେ ଜନଶୁଣାଣି ଓ ସମାଧାନ ଶିବିର

**ଶଗଡ଼ା, ୨୬ ।୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ମଦନମୋହନ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୁଜାହାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସହ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ସମୁଦାୟ ୧୧୦ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୯୨ଟି ବ୍ୟକ୍ତିଗତ ଓ ୧୮ ଟି ସାମୂହିକ ମାମଲା ପଞ୍ଜୀକୃତ ହୋଇଥିଲା। ୭୨ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିଲା।

# କଂଗ୍ରେସର କର୍ମୀ ସମ୍ମିଳନୀ

**ଖପ୍ରାଖୋଲ, ୨୬।୨(ସମିସ):** ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଲପଡା ଗ୍ରାମ ଖେଳପଡିଆଠାରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ବ୍ଲକ ସଭାପତି ପତିତପାବନ ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ପିସିସି ସଭ୍ୟ ଅନୀଲ ମେହେର, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ବ୍ଲକ ସଭାପତି ଗୋବିନ୍ଦ କଲେତ, ଯୁବ ସଭାପତି ଚନ୍ଦନ ସାହୁ, ସାଧୁ ମେହେର, ନବୀନ ବେହେରା, ଫକୀର ପଧାନ, ନୀଳକାନ୍ତ ବାଗ, ରୋହିତ ଭୁଏ ଯୋଗ ଦେଇଥିଲେ। ଜଗତରାମ ନାଗ, ପିଙ୍କୁ ସାହୁ, ସୁଶୀଳ ମାଝୀ, ନୀଳାମ୍ବର ବିଶ୍ୱାଳ, ବିଦ୍ୟା ମେହେର, ରଞ୍ଜିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




# ସଙ୍ଗୀତ ଗୁରୁ ଝୁମୁକଲାଲ ବର୍ମାଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା, ୨୬ ।୨ (ସମିସ):** କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ପରିଷଦ ସଭାଗୃହରେ ସଙ୍ଗୀତ ଗୁରୁ ଝୁମୁକଲାଲ ବର୍ମାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଗୁରୁ ପ୍ରଭାସଚନ୍ଦ୍ର ମିଶ୍ର, ଅଶୋକ ପାତ୍ର, ଗୁରୁ ସୁଧୀର ପଣ୍ଡା, କୃଷ୍ଣାବତାର ଦେଓ, ବିଶ୍ୱମୋହନ ରଥ, ଡ. ତପନ ରଥ, ଭୀମସେନ ସାହୁ, ସୁରେନ୍ଦ୍ର ନେଗୀ, ଭାଗୀରଥି ବେହେରା, ବିରଞ୍ଚିନାରାୟଣ ମୁଣ୍ଡ, ଧ୍ୟାନ ପଣ୍ଡା, ଗୋପାଳ ସାହୁ, ମୀନା ରଥ, ନମିତା ମିଶ୍ର, ଲିପ୍ସା ମହାରଣା, ତାପସ ପଟେଲ, ଆଲୋକ ସାହୁ, ଶେଷଦେବ ମିଶ୍ର ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ପରିଷଦ ସମ୍ପାଦକ ଭବନାଥ ରାୟଗୁରୁ ସଂଯୋଜନା କରିଥିଲେ।

# ମାର୍ଚ୍ଚ ୧ରୁ ଖରିଆରରୋଡ୍ ପ୍ରିମିୟର ଲିଗ୍

**ନୂଆପଡ଼ା, ୨୬।୨(ସମିସ):** ମାର୍ଚ୍ଚ ୧ରୁ ୱାରିୟର କ୍ଲବ ତରଫରୁ ଖରିଆରରୋଡ ପ୍ରିମିୟର ଲିଗ(କେପିଏଲ) ଆରମ୍ଭ ହେବ। ଏ ନେଇ ଖରିଆରରୋଡ ସହର ହୋଟେଲ ଗାର୍ଡେନ ଇନରେ ଏକ ସାମ୍ବାଦିକ ସମ୍ମିଳନୀରେ ୱାରିୟର କ୍ରିକେଟ କ୍ଲବ ସଭାପତି ନିଖିଳେଶ ଲଖମନିଆ ସୂଚନା ଦେଇଛନ୍ତି। ଏଥିରେ ବାହାର ରାଜ୍ୟର ୧୦ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଏହି ସବୁ ମ୍ୟାଚ ରାତ୍ରିକାଳୀନ ଓ ଆଇପିଏଲ ନିୟମ ଅନୁସାରେ ଖେଳ ଅନୁଷ୍ଠିତ ହେବ। ଏଥି ପାଇଁ ଖେଳାଳିଙ୍କ ନିଲାମ ହୋଇଛି। ଖରିଆରରୋଡ ସହରର ସିଦ୍ଧାର୍ଥ ସଲମା ସର୍ବାଧିକ ୨୦ ହଜାର ଟଙ୍କାରେ ବିକ୍ରି ହୋଇଛନ୍ତି। ମାର୍ଚ୍ଚ ୬ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଚାମ୍ପିଅନ ଦଳକୁ ୧ ଲକ୍ଷ ଓ ରନର୍ସ ଅପ ଦଳକୁ ୫୦ ହଜାର ଟଙ୍କାର ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ମୁମ୍ବାଇ ଇଣ୍ଡିଆନ୍ସ ଦଳକୁ ରାମ ସୋନୀ, ଚେନ୍ନାଇ ହିରୋର୍ସକୁ ପ୍ରେମ ସାହୁ ଓ ରବି ବାଗ, ଗୁଜରାଟ ଟାଇଟନର୍ସକୁ କେହ୍ନାୟା



**ଆଇପିଏଲ ଢାଞ୍ଚାରେ ଖେଳ**
**ଯୋଗଦେବେ ୧୦ ଦଳ**

ଲଖମନିଆ, କିଶୋର ତୁରକିଆ ଓ କିଷନ ଗୋୟଲ, ରୟାଲ ଚ୍ୟାଲେଇଜର ବେଙ୍ଗଲୋରକୁ ମୁକେଶ ଜୈନ, ଦିଲ୍ଲୀ ଡେଭିଲର୍ସକୁ ମନୋଜ ସଂକ୍ଲେଚା, ଲକ୍ଷ୍ନୌ ଟାଇଗରର୍ସକୁ ହେମନ୍ତ ଗୁପ୍ତା, ହାଇଦ୍ରାବାଦ ବ୍ଲାଷ୍ଟରର୍ସକୁ ଫରହାନ ଅସ୍ରଫ, ରାଜସ୍ଥାନ ଇଗଲକୁ ଅମନ ଖାନ, ରାଇଜିଂ ପୁନେ ପାୱାରକୁ ଆଦିତ୍ୟ ବରେଡିଆ, କୋଲକତା ଫାଇଟରର୍ସକୁ ମୁକେଶ ଭଷାଣି ପରିଚାଳନା କରୁଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ୱାରିୟର କ୍ରିକେଟ କ୍ଲବ ସଭାପତି ହାର୍ଦ୍ଦିକ ଢୋଲକିଆ, ଯୁବ ଆଇନଜିବୀ ଧନୀରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଓଗାଁ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

**ଦେଓଗାଁ, ୨୬।୨(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ଅଧକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ସସ୍ମିତା ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ରିଶିକେଶ ଖିଲାରୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବ୍ଲକର ୨୬ଟି ପଞ୍ଚାୟତ ଅନ୍ତର୍ଗତ ୧୨୬ ଖଣ୍ଡ ଗାଁରୁ ୭୦ ଜଣ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଦେଓଗାଁ ୨୬ ନଂ ଜାତୀୟ ରାଜପଥ ରାଏପାଲି ଛକରୁ ରାଏପାଲି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ପଦକ୍ଷେପ ନେଉ ନଥିବାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ନିର୍ବାଚନ ପୂର୍ବରୁ ଏ ଦିଗରେ ପଦକ୍ଷେପ ନ ନେଲେ ଭୋଟ ବର୍ଜନ କରିବୁ ବୋଲି ଧନୁର୍ଜ୍ୟ କରଣ, ଆର୍ତ୍ତ ଘିଭେଲା, ଧ୍ରୁବା ମଟାରୀ, ମାର୍କଣ୍ଡ ଘିଭେଲା, ମଙ୍ଗଳବାରୀ ଭଣ୍ଡା, ସନ୍ତୋଷିନୀ କରଣ ତଥା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। କୁଲିଆବାହାଲରେ ଏକ ପ୍ରକଳ୍ପ ପାଇଁ ଅନେକ ଦିନ ହେଲା ଅନୁଦାନ ଆସିଥିଲେ ହେଁ କାମ ନ



ହୋଇ ପଡ଼ିରହିବାକୁ ନେଇ ସ୍ଥାନୀୟ ସମିତିସଭ୍ୟ ଲକ୍ଷ୍ମଣ କୁମାର ମେହେର ଅଭିଯୋଗ କରିଥିଲେ। ସେପରି କୁହିମୁଣ୍ଡାରେ ଗଭୀର ନଳକୂପ ଖନନ କରାଯାଇଥିବାବେଳେ ବିଦ୍ୟୁତ ସଂଯୋଗ କରାଯାଉ ନଥିବା ନେଇ ଗାଁର ଅଗ୍ରଣୀ ଚାଷୀ ଶମ୍ଭୁଭୂଷଣ ସାହୁ ଅଭିଯୋଗ କରିଥିଲେ। ଉପରଝରେ ଭାୟା ଫଟାମୁଣ୍ଡା ପୂର୍ତ୍ତ ରାସ୍ତା ନିକଟ ଚାଷ ଜମିକୁ ଲାଗି ବିଭାଗ ତରଫରୁ ଗାର୍ଡୱାଲ କାମ ଅଧପନ୍ତରିଆ ଓ ନିମ୍ନମାନର କରି ପକାଇ ରଖିବା ଦ୍ୱାରା ଚାଷଜମି ନଷ୍ଟ ହୋଇଥିବା ଚାଷୀ ରଜନୀକାନ୍ତ ପଟେଲ ଲିଖିତ ଅଭିଯୋଗ କରିଥିଲେ। ଶିବିରରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିବାବେଳେ ଇଓ, ଜିଆରଏସ ଓ କର୍ମଚାରୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ କୋଶଲି ନାଟବାଦୀ-ନାଟଯାତ୍ରା

**ବଲାଙ୍ଗିର, ୨୬।୨(ସମିସ):** ସଦାଇପାଲି ରାମଜୀ ଯୁବକ ସଂଘ ତରଫରୁ ଚାଲିଥିବା କୋଶଲି ନାଟବାଦୀ-ନାଟଯାତ୍ରାର ଦ୍ୱିତୀୟ ଦିବସରେ ବଲାଙ୍ଗିର ନଟରାଜ କଳା ପରିଷଦ ତରଫରୁ ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶିତ କୋଶଲି ପୌରାଣିକ ନାଟକ 'ରାବଣ' ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ନାଟକଟି ସୁମନ୍ତ ଭୋଇଙ୍କ ନିର୍ଦ୍ଦେଶନାରେ ସୋନପୁରର ବିଣାପାଣୀ ସାହିତ୍ୟ ସଂସଦର କଳାକାରମାନେ ମଞ୍ଚସ୍ଥ କରିଥିଲେ ନାଟକ 'ଟୁକୁ'। ଶେଷରେ ସଦାଇପାଲିର ନିରାକାର କଳା ପରିଷଦ ତରଫରୁ ଗୀତିନାଟ୍ୟ 'ସୂର୍ପଣଖା ନାସା ଛେଦନ' ପରିବେଷଣ ହୋଇଥିଲା। ଆୟୋଜକ



କମିଟିର ସମ୍ପାଦକ ଡ.ନାରାୟଣ ପ୍ରସାଦ ମିଶ୍ର ଅଧକ୍ଷତା କରିଥିଲେ। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଏବଂ ବଲାଙ୍ଗିର ସଦର ବ୍ଲକ ଅଧକ୍ଷା ସରିତା ବାଗ ଓ ସ୍ଥାନୀୟ ସମିତି ସଭ୍ୟ ଗୋଲାପ ବାଗ ଅତିଥି ଭାବରେ କଳାକାରଙ୍କୁ ଉତ୍ସାହିତ କରିଥିଲେ। ମଧୁସୂଦନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁଲୋଚନା ମିଶ୍ର, ହିତିକା ମହାନ୍ତି, ରେସମା ସା, ସୁସ୍ମିତା ସୁନା, ଅନୁପମା ବାଗ, ପ୍ରଜ୍ଞା ପରିମିତା ପରିଡ଼ା ସହଯୋଗ କରିଥିଲେ।

